


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୬ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 26 July 2024
Vol.No. 35 ■ No.200 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର , ୨୫/୭ (ନି.ପ୍ର): ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୋଟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ଏଥରର ବଜେଟ୍ ପରିମାଣ ୨୦୨୩-୨୪ ତୁଳନାରେ ୧୫% ଅଧିକ । ଗତବର୍ଷ ବଜେଟ୍ ପରିମାଣ ୨ ଲକ୍ଷ ୩୦ ହଜାର କୋଟି ଟଙ୍କା ଥିଲା। ସେହିପରି ଗତବର୍ଷ କୃଷି ବଜେଟ ୨୪, ୮୨୯ କୋଟି ଟଙ୍କା ରହିଥିଲା ବେଳେ ଚଳିତ ବର୍ଷ କୃଷି ବଜେଟ ପରିମାଣ ୩୩, ୯୧୯ କୋଟିକୁ ବୃଦ୍ଧି କରାଯାଇଛି। ଏହା ମଧ୍ୟରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧ ଲକ୍ଷ ୫୫ ହଜାର କୋଟି ଟଙ୍କା ରହିଛି ଯାହାକି ୨୦୨୪-୨୫ ଆର୍ଥିକ ବର୍ଷର ବଜେଟର ୫୮ ପ୍ରତିଶତ। ସେହିପରି ପୁଂଜି ବ୍ୟୟ ବାବଦକୁ ୫୮ ହଜାର ୧୯୫ କୋଟି ଟଙ୍କା ପ୍ରସ୍ତାବିତ ଅଛି। ପ୍ରଶାସନିକ ବ୍ୟୟ ପାଇଁ ୯୭ ହଜାର ୭୨୫ କୋଟି ଟଙ୍କା ବରାଦ କରାଯାଇଛି। ତାହା ମଧ୍ୟରେ ଦରମା ପାଇଁ ୩୨ ହଜାର ୫୭୧ କୋଟି ଟଙ୍କା , ପେନସନ୍ ପାଇଁ ୨୨ ହଜାର ୫୯୧ କୋଟି ଟଙ୍କା , ସୁଧ ଦେୟ ବାବଦକୁ ୫,୫୦୦ କୋଟି ଟଙ୍କା ଏବଂ ପୁଂଜି ସମ୍ପତିର ରକ୍ଷଣା ବେକ୍ଷଣା ପାଇଁ ୬,୮୨୨ କୋଟି ଟଙ୍କା ରହିଛି। ଏହା ବ୍ୟତୀତ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠି ପାଇଁ ବ୍ୟୟ ବରାଦ ର ପରିମାଣ ୩,୯୦୦ କୋଟି ଟଙ୍କା ରଖାଯାଇଛି। ରାଜ୍ୟର ଗ୍ରାମୀଣ ଓ ସହରାଂଚଳର ସ୍ଥାନୀୟ ନିକାୟ ସଂସ୍ଥାମାନଙ୍କ ପାଇଁ ୩,୮୦୪ କୋଟି ଟଙ୍କା ଏବଂ ପଂଚମ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ପ୍ରାୟ ୪,୪୪୯ କୋଟି ଟଙ୍କା ହସ୍ତାନ୍ତର କରିବାକୁ ପ୍ରସ୍ତାବ ରହିଛି। ମୋଟ ବ୍ୟୟ ଅଟକଳକୁ ରାଜସ୍ୱ ପ୍ରାପ୍ତିରୁ ୨ ଲକ୍ଷ ୧୧ ହଜାର କୋଟି ଟଙ୍କା ଏବଂ ଋଣ ଓ ଅନ୍ୟାନ୍ୟ ବାବଦରୁ ମିଳିବାକୁ ଥିବା ୫୪ ହଜାର କୋଟି ଟଙ୍କାରୁ ଭରଣା କରିଯିବାକୁ ପ୍ରସ୍ତାବ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷର ବିତୀୟ ନିଅଂଟର ପରିମାଣ ସାମଗ୍ରିକ ରାଜ୍ୟର ଘରୋଇ ଉତ୍ପାଦର ୩.୫ % ହେବା ନେଇ



ଆକଳନ କରାଯାଇଛି।ଚଳିତ ଆର୍ଥିକ ବର୍ଷ ପାଇଁ ଆକଳନ କରାଯାଇଥିବା ମୋଟ ରାଜସ୍ୱ ପ୍ରାପ୍ତି ମଧ୍ୟରେ ରାଜ୍ୟର ନିଜସ୍ୱ ଟିକସ ୬୦ ହଜାର କୋଟି ଟଙ୍କା , ନିଜସ୍ୱ ଅଣ ଟିକସ ରାଜସ୍ୱ ୫୮ ହଜାର କୋଟି ଟଙ୍କା , କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ଭାବରେ ୫୫ ହଜାର୨୩୨ କୋଟି ଟଙ୍କା ଏବଂ କେନ୍ଦ୍ରୀୟଅନୁଦାନ ବାବଦକୁ ମିଳିବାକୁ ଥିବା ୩୭, ୭୬୮ କୋଟି ଟଙ୍କା ଅନ୍ତର୍ଭୁକ୍ତ। ସେହିପରି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବାର୍ଷିକ ବଜେଟ୍ ଉପସ୍ଥାପନ କରିଛନ୍ତି। ଏହା ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ପାଇଁ ସରକାର ୨୧ ହଜାର ୨ ଶହ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜାଗାରେ ନୂଆ ଯୋଜନା ଆରମ୍ଭ କରିବାକୁ ଘୋଷଣା କରାଯାଇଛି। ଏହାର ନାଁ ରଖିଛନ୍ତି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା ଯୋଜନାହେଉଛି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଏ ସଂପର୍କରେ ଆଜି ବଜେଟରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହିତ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ମଧ ମୁଖ୍ୟମନ୍ତ୍ରୀ ବଜେଟରେ ଘୋଷଣା କରିଛନ୍ତି। ଏହି ବଜେଟରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୫ ଶହ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୩ ହଜାର ୫୬ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି। ଜି ବିଧାନସଭାରେ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ନିର୍ବାଚନ ପୂର୍ବ ଇସ୍ତାହାରରେ ପ୍ରତିଶ୍ରୁତି ଅନୁଯାୟୀ, ଆମ ସରକାର ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୋଜନ ମାଧମରେ ଯୋଗ୍ୟ ପରିବାରମାନଙ୍କୁ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ କ୍ୟାସ୍ ଲେସ୍ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛନ୍ତି। ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଅରୋଗ୍ୟ ଯୋଜନାରେ କେନ୍ଦ୍ର ସରକାର ୬୦ ପ୍ରତିଶତ ପାଣ୍ଠି ପ୍ରଦାନ କରିବେ। ଯାହା ଫଳରେ ରାଜ୍ୟ ରାଜକୋଷ ଉପରେ ବୋଝ କମିବ। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ଲୋକମାନେ ▶▶ପୃଷ୍ଠା ୭

## ଆଳୁ ହେଲା ମହଙ୍ଗା: ୫ ଦିନରେ ୧୦ରୁ ୧୫ ଟଙ୍କା ବଢ଼ିଲା



ଭୁବନେଶ୍ୱର, ୨୫/୭ (ନି.ପ୍ର): ୫ ଦିନରେ ଆଳୁ ୧୦ରୁ ୧୫ଟଙ୍କା ମହଙ୍ଗା। କିଲୋ ପିଛା ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଛି। କିଛି ସ୍ଥାନରେ ଖୁଚୁରା ଦର ୫୦ ବି ଛୁଇଁଲାଣି। ଆଳୁର ଏମିତି ଦରବୃଦ୍ଧି ଦେଖି ଗ୍ରାହକ ଛାନିଆ। କହୁଛନ୍ତି, ଗତ ଜୁଲାଇ ୨୦ ତାରିଖରେ ଖୁଚୁରା ବଜାରରେ ଆଳୁ କିଲୋ ୩୦ରୁ ୩୨ ଟଙ୍କାରେ ବିକ୍ରି ହେଉଥିଲା। ହେଲେ ୨୧ ତାରିଖରେ ହଠାତ୍ ୪୦ ଟଙ୍କା ହୋଇଗଲା। ଆଉ ଦରବୃଦ୍ଧି କାରଣ କ'ଣ, ବୁଝିବା ପୂର୍ବରୁ ଏବେ ୪୫ ଟଙ୍କାରେ ପହଞ୍ଚିଗଲାଣି। ▶▶ପୃଷ୍ଠା ୭

## ଚା' ପିଇବା ବେଳେ ମାଡ଼ିଗଲା ପିକଅପ୍ ଭ୍ୟାନ୍: ୩ ମୃତ

ସୋନପୁର, ୨୫/୭ (ନି.ପ୍ର): ସୋନପୁର-ସମ୍ବଲପୁର ରାସ୍ତାର ମେଟକାନୀ ମନ୍ଦିର ସାମ୍ନାରେ ପିକଅପ୍ ଭ୍ୟାନ୍ ଧକ୍କାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ ଆଇଁଲାଛାଟ ଗାଁର ରାଜା କୁମ୍ଭାର, ନାରାୟଣ ଟିକ୍ରା ଗାଁର ଦେବାନନ୍ଦ ସୁରୁଜାଲ ଓ ମାଟିଖାଇ ଗାଁର ସୁଶାନ୍ତ ସାହୁ। ଗୁରୁତର ଆହତ ଜଣକ ହେଲେ ଆଇଁଲାଛାଟ ଗାଁର କରଣ କୁମ୍ଭାର। ତାଙ୍କୁ ଉଲୁଣ୍ଡା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ମେଟକାନୀ ମନ୍ଦିର ସମ୍ନାରେ ରାସ୍ତାକଡ଼ରେ ଚା' ଦୋକାନରେ ଚା' ପିଉଥିଲେ। ସେଇ ସମୟରେ ସୋନପୁର ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକ ସେମାନଙ୍କୁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ଧକ୍କା ଦେଇଥିବା ପିକଅପ୍ ଭ୍ୟାନଟି ଘଟଣାସ୍ଥଳରୁ ଫେରାର ହୋଇଥିଲା। ତେବେ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ପିକଅପ୍ ଭ୍ୟାନର ଡ୍ରାଇଭରଙ୍କୁ ଖୋଜୁଛି।

## ୨୮ରେ ଖୋଲିବ ହୀରାକୁଦ ଡ୍ୟାମ୍ ଗେଟ୍: ଛଡ଼ାଯିବ ପ୍ରଥମ ବନ୍ୟା ଜଳ

ସମ୍ବଲପୁର, ୨୫/୭ (ନି.ପ୍ର): ଆସନ୍ତା ୨୮ ତାରିଖରେ ଖୋଲିବ ହୀରାକୁଦ ଡ୍ୟାମ୍। ଚଳିତବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯିବ। ୨୮ ତାରିଖ ରବିବାର ସକାଳ ୯ଟାରେ ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଏନେଇ ସୂଚନା ଦେଇଛନ୍ତି ହୀରାକୁଦ ଡ୍ୟାମର ମୁଖ୍ୟ ଯନ୍ତ୍ରୀ ସୁଶୀଲ ବେହେରା। ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡ ଛତିଶଗଡ଼ ଅଞ୍ଚଳରେ ଗତ ୨୪ ଘଣ୍ଟାରେ ପ୍ରବଳ ବର୍ଷା ହୋଇଛି। ଫଳରେ ବଢ଼ିଛି ଜଳସ୍ତର। ଏହାକୁ ଦୃଷ୍ଟିରେ ରଖି ବନ୍ୟା ଜଳ ନିଷ୍କାସନ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଜଳଭଣ୍ଡାରରେ ଜଳସ୍ତର ରହିଛି ୬୦୫.୪୫ ଫୁଟ୍। ପ୍ରତି ସେକେଣ୍ଡରେ ଡ୍ୟାମ୍ ଭିତରକୁ ପ୍ରବେଶ କରୁଛି ୨ ଲକ୍ଷ ୧୫ ହଜାର ଘନ ଫୁଟ୍ ବନ୍ୟା ଜଳ।

## ୬ ବର୍ଷ ପରେ ଓଏଏସ୍ ଅଫିସର ଦେବ ପ୍ରସାଦ ଦାଶଙ୍କ ଉପରୁ ଉଠିଲା ନିଲମ୍ବନ ଆଦେଶ

ଭୁବନେଶ୍ୱର, ୨୫/୭ (ନି.ପ୍ର): ୬ ବର୍ଷ ପରେ ଓଏଏସ୍ ଅଫିସର ଦେବ ପ୍ରସାଦ ଦାଶଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇଲେ ସରକାର। ୨୦୧୮ ମେ' ୨୮ ତାରିଖରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ସେତେବେଳେ ସେ ଏସ୍ଏସ୍ଇପିଡି



ବିଭାଗରେ ଯୁଗ୍ମ ସଚିବ ପଦବୀରେ ଥିଲେ। ଓଡ଼ିଶା ସରକାରଙ୍କ ସେବା ନିୟମ ଉଲ୍ଲଂଘନ ନକରିବାକୁ ସର୍ତ୍ତ ରଖି ଦେବ ପ୍ରସାଦ ଦାଶଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇଛନ୍ତି ସରକାର। ତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଯନ୍ତ୍ରୀ: ୨ଟି ବହୁତଳ କୋଠା, ୨ଟି ଫ୍ଲାଟ୍ ଓ ୩୪ଟି ପ୍ଲଟ୍ ଠାବ

ଭୁବନେଶ୍ୱର, ୨୫/୭ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଥିବା ବଲାଙ୍ଗିର ଲୋୟର ସୁକତେଲ୍ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଛି। ତାଙ୍କର ୨ଟି ବହୁତଳ କୋଠା ସହିତ ୨ଟି ଫ୍ଲାଟ୍ ଏବଂ ୩୪ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ। ଏହା ବ୍ୟତୀତ ତାଙ୍କର ୨ଟି ଟ୍ରକ୍, ୨ଟି ଚାରି ଚକିଆ ଯାନ ଓ ୪ଟି ବାଇକ୍ ଅଛି। ତାଙ୍କ ଘରୁ ୧୭୬ ଗ୍ରାମ ସୁନା ଅଳଙ୍କାର ସହିତ ନଗଦ ୨ ଲକ୍ଷ ୩୪ ହଜାର ଟଙ୍କା



ମିଳିଛି। ଭୁବନେଶ୍ୱରର ଚନ୍ଦ୍ରଶେଖରପୁରର ନୀଳାଦ୍ରି ବିହାରରେ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କର ଗୋଟିଏ ୩ ମହଲା କୋଠା ଅଛି। ସେହିଭଳି ଭୁବନେଶ୍ୱରର ନୟାପଲ୍ଲୀର ନୀଳକଣ୍ଠ ନଗରରେ ତାଙ୍କର ଏକ ୨ ମହଲା କୋଠା ରହିଛି। ପୁରୀର ଦୋଳମଣ୍ଡପସାହି ସ୍ଥିତ ଶ୍ରୀକ୍ଷେତ୍ର ଭକ୍ତ ନିବାସରେ ତାଙ୍କର ଏକ ୨-ଇଏଚ୍କ ଫ୍ଲାଟ ଅଛି। ପୁରୀର ଭିଆଇପି ରୋଡ୍ ସ୍ଥିତ କୃଷ୍ଣଧାମ ଆପାର୍ଟମେଣ୍ଟରେ ତାଙ୍କର ଗୋଟିଏ ୧-ଇଏଚ୍କ ଫ୍ଲାଟ୍ ଅଛି। ଭୁବନେଶ୍ୱର, ପୁରୀ, କଟକ ଓ ଢେଙ୍କାନାଳରେ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କର ୩୪ଟି ପ୍ଲଟ୍ ଅଛି। ଏହି ସମସ୍ତ ଘର ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ଓ ମୂଲ୍ୟାୟନ କାର୍ଯ୍ୟ ଜାରି ରଖିଛି ଭିଜିଲାନ୍ସ। ଯନ୍ତ୍ରୀ ସୁନୀଲ କୁମାର ▶▶ପୃଷ୍ଠା ୭


## କେଜ୍ରିୱାଲଙ୍କ ପାଇଁ ବଡ଼ ଆନ୍ଦୋଳନର ଡାକରା ଦେଲା ଇଣ୍ଡିଆ ବ୍ଲକ

ନୂଆଦିଲ୍ଲୀ, ୨୫/୭ : ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ ବଡ଼ ଆନ୍ଦୋଳନର ଡାକରା ଦେଇଛି। ଜେଲରେ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡ଼ିଥିବା ବେଳେ ଏଥିପ୍ରତି ଧ୍ୟାନ ଦିଆଯାଉ ନାହିଁ। ତେଣୁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧରେ ଇଣ୍ଡିଆ ବ୍ଲକ ଜୁଲାଇ ୩୦ରେ ଦିଲ୍ଲୀର ଯନ୍ତରମନ୍ତର ଠାରେ ଆନ୍ଦୋଳନ କରିବ ବୋଲି ଆପ ପକ୍ଷରୁ ଘୋଷଣା କରାଯାଇଛି। କେଜ୍ରିୱାଲଙ୍କ ଆପ ଅଭିଯୋଗ କରି ଚାଲିଛି ଯେ ବିଜେପି ତାଙ୍କୁ ଜେଲ ଭିତରେ ହତ୍ୟା କରିବାକୁ ଚାହୁଁଛି। ଜୁନ ୩ରୁ ଜୁଲାଇ ୭ ତାରିଖ ମଧ କେଜ୍ରିୱାଲଙ୍କ ରକ୍ତ ଶର୍କରା ୨୬ଥର ହ୍ରାସ ପାଇଛି। ତଥାପି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ କେହି ବି ଗୁରୁତ୍ୱ ଦେଉ ନାହାନ୍ତି। ତେଣୁ ଇଣ୍ଡିଆ ବ୍ଲକ ଜୁଲାଇ ୩୦ରେ ଯନ୍ତରମନ୍ତର ଠାରେ କେଜ୍ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗୁଡ଼ିଥିବା ପ୍ରସଙ୍ଗ ନେଇ ବିଶାଳ ବିକ୍ଷୋଭ ସମାବେଶ କରିବ ବୋଲି ଆପ କହିଛି। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି କେଜ୍ରିୱାଲଙ୍କୁ ମାର୍ଚ୍ଚ ୨୧ରେ ଗିରଫ କରିଥିଲା। ତେବେ ଇଡି ରୁଜୁ କରିଥିବା ମନି ଲଣ୍ଡରିଂ ମାମଲାରେ ସୁପ୍ରିମକୋର୍ଟ ନିକଟରେ ତାଙ୍କୁ ଜାମିନ ଦେଇଥିଲେ। କିନ୍ତୁ ଜାମିନ ମିଳିବାର କିଛି ଦିନ ପୂର୍ବରୁ ଅର୍ଥାତ ଜୁନ ୨୬ରେ ସିବିଆଇ ତାଙ୍କୁ ଦୁର୍ନୀତି ମାମଲାରେ ଗିରଫ କରିଥିଲା। ଫଳରେ ଇଡି କେସ୍‌ରେ ଜାମିନ ମିଳିବା ସତ୍ତ୍ୱେ ସେ ତିହାର ଜେଲରେ ରହିଛନ୍ତି। ସିବିଆଇ ଗିରଫଦାରୀକୁ କେଜ୍ରିୱାଲ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। କୋର୍ଟ ଆସନ୍ତା ସୋମବାର ଏହାର ଶୁଣାଣି କରିବେ।

## ପ୍ରକାଶ ପାଇନି ନିଟ୍-ୟୁଜି ସଂଶୋଧିତ ରେଜଲ୍ଟ

ନୂଆଦିଲ୍ଲୀ, ୨୫/୭ : ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନିଟ୍-ୟୁଜି ସଂଶୋଧିତ ଫଳାଫଳ ଆଜି ପ୍ରକାଶ ପାଇନାହିଁ। ଏନେଇ ଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବର୍ତ୍ତମାନ ୱେବସାଇଟରେ ପୁରୁଣା ଲିଙ୍କ୍ ଅଛି, ସଂଶୋଧିତ ରେଜଲ୍ଟ ଉପଲବ୍ଧ ହୋଇ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପ୍ରଥମେ କିଛି ଜାତୀୟ ଗଣମାଧ୍ୟମରେ ମେଡିକାଲ ପ୍ରବେଶିକା ପରୀକ୍ଷାର ସଂଶୋଧିତ ଫଳାଫଳ ପ୍ରକାଶ ପାଇଥିବା ନେଇ ଖବର ପ୍ରସାରଣ ହୋଇଥିଲା। ଏହାପରେ ଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, ୱେବସାଇଟରେ ପୁରୁଣା ରେଜଲ୍ଟ ଉପଲବ୍ଧ ଅଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ନୂଆ ରେଜଲ୍ଟ ଅପଲୋଡ କରିବା ପରେ ଛାତ୍ରଛାତ୍ରୀ ମାର୍କ ଦେଖିପାରିବେ। ମେଡିକାଲ ପ୍ରବେଶି ପରୀକ୍ଷାରେ ବ୍ୟାପକ ଅନିୟମିତତାକୁ ନେଇ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ମଙ୍ଗଳବାର ଏକ ଶୁଣାଣି କରି ସଂଶୋଧିତ ରେଜଲ୍ଟ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫିଜିକ୍ସ ପ୍ରଶ୍ନ ପାଇଁ କିଛି ନିର୍ଦ୍ଦିଷ୍ଟ ଛାତ୍ରଛାତ୍ରୀଙ୍କୁ ମିଳିଥିବା ଗ୍ରେସ୍ ମାର୍କକୁ ପ୍ରତ୍ୟାହର କରି ରେଜଲ୍ଟ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସର୍ବୋଚ୍ଚ ଅଦାଲତ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଯେ, ଆସନ୍ତା ଦୁଇ ଦିନ ମଧ୍ୟରେ ସଂଶୋଧିତ ରେଜଲ୍ଟ ପ୍ରକାଶ ପାଇବ। କିନ୍ତୁ ଆଜି ରେଜଲ୍ଟ ପ୍ରକାଶ ପାଇ ନାହିଁ। କିଛି ଗଣମାଧ୍ୟମରେ ଫଳାଫଳ ପ୍ରକାଶ ପାଇଥିବା ନେଇ ହୋଇଥିବା ଖବର ମିଥ୍ୟା।


## ସାମ୍ବାଦିକା ମଧୁସ୍ମିତା ମୃତ୍ୟୁ ମାମଲା: ବନ୍ଧା ହେଲେ ସ୍ୱାମୀ



ଭୁବନେଶ୍ୱର, ୨୫/୭ (ନି.ପ୍ର): ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇଥିବା ସାମ୍ବାଦିକା ମଧୁସ୍ମିତା ପରିଡ଼ା ମୃତ୍ୟୁ ମାମଲାରେ ତାଙ୍କ ସ୍ୱାମୀ ଶ୍ରୀଧର ଜେନାଙ୍କୁ ବାନ୍ଧିଛି ପୁଲିସ୍। ଶ୍ରୀଧରଙ୍କ ବିରୋଧରେ ମୃତ ମଧୁସ୍ମିତାଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଭୁବନେଶ୍ୱରର ଧଉଳି ଥାନା ପୁଲିସ ତାଙ୍କୁ ଗିରଫ କରିଛି। ମଧୁସ୍ମିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ▶▶ପୃଷ୍ଠା ୭

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ଖଣି ଜମି ଉପରୁ ରୟାଲଟି ଆଦାୟ କରିପାରିବେ ରାଜ୍ୟ ସରକାର

ନୂଆଦିଲ୍ଲୀ, ୨୫/୭ : ଖଣି ଜମି ଉପରେ ରୟାଲଟି ଆଦାୟ ଅଧିକାରକୁ ନେଇ ଐତିହାସିକ ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ଖଣି ଜମି ଉପରୁ ରାଜ୍ୟଗୁଡ଼ିକର ରୟାଲଟି ଆଦାୟ କରିବାର ଅଧିକାର ରହିଛି, ଏହା ଟ୍ୟାକ୍ସ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ପରେ ଖଣିଜ ସମ୍ପଦଭରା ରାଜ୍ୟ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିବଙ୍ଗ, ଛତିଶଗଡ଼, ମଧ ପ୍ରଦେଶ ଏବଂ ରାଜସ୍ଥାନ ଫାଇଦା ପାଇପାରିବେ। ଏଣିକି ଏହି ସବୁ ରାଜ୍ୟଗୁଡିକ ଖଣି ଜମି ଉପରେ ମାଇନିଂ କମ୍ପାନୀଗୁଡିକରୁ ଅତିରିକ୍ତ କର ଆଦାୟ କରିପାରିବେ। ଆଜି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ୯ ଜଣିଆ ଖଣ୍ଡ ପୀଠ ଏହି ମାମଲା ଉପରେ ରାୟ ପ୍ରଦାନ କରିଥିଲେ। ୮ ଜଣ ବିଚାରପତି ରୟାଲ୍ଟି ଆଦାୟ ସପକ୍ଷରେ ଯାଇ ଥିବାବେଳେ ଜଷ୍ଟିସ ବିଭି ନାଗାରତ୍ନ ବିପକ୍ଷରେ ମତ ଦେଇଥିଲେ। ସପକ୍ଷରେ ଥିବା ୮ ଜଣ ବିଚାରପତି କହିଛନ୍ତି ଯେ, ଖଣିଜ ସମ୍ପଦ ଥିବା ଜମି ଉପରେ ଟ୍ୟାକ୍ସ ଲଗାଇବାର ଅଧିକାର ରାଜ୍ୟ ପାଖରେ ଅଛି। ରୟାଲ୍ଟି ଆଦାୟ ମଧ୍ୟ ଟ୍ୟାକ୍ସ ସହ



ସମାନ ନୁହେଁ। ରାଜ୍ୟ ସରକାର ଖଣି କମ୍ପାନୀଗୁଡ଼ିକରୁ ଅତିରିକ୍ତ ରୟାଲଟି ଆଦାୟ କରିପାରିବେ। ବେଞ୍ଚ ଆହୁରି କହିଛନ୍ତି ଯେ, ରୟାଲ୍ଟି ଆଦାୟ ଲିଜଦାତା ଓ ଲିଜଧାରକ ମଧ୍ୟରେ ହୋଇଥିବା ଚୁକ୍ତିନାମା ଏବଂ ସାଧାରଣତଃ ଜମିରୁ ବାହାର କରା ଯାଇଥିବା ଖଣିଜ ଉପରେ ନିର୍ଭର କରେ। ତେଣୁ ଏଥିପାଇଁ ରୟାଲଟି ଦେୟ ସର୍ବସାଧାରଣ ଉଦ୍ଦେଶ୍ୟରେ ନୁହେଁ, ବରଂ ଏକ ବିଶେଷ ବ୍ୟବହାର ପାଇଁ ଶୁଳ୍କ ଆଦାୟ। ତେଣୁ ଏଥିପାଇଁ ସରକାରଙ୍କୁ ପ୍ରଦାନ କରାଯିବାକୁ ଥିବା ରୟାଲଟିକୁ ଟିକସ ଭାବରେ ବିବେଚନା କରାଯାଇପାରିବ ନାହିଁ ଅଦାଲତ କହିଛନ୍ତି। ସେପଟେ ଏହାକୁ ବିରୋଧ କରିଥିବା ଜଷ୍ଟିସ ନାଗାରତ୍ନ କହିଛନ୍ତି, 'ରାଜ୍ୟମାନଙ୍କୁ ଖଣି ଜମି ଉପରେ ଅତିରିକ୍ତ କର ଆଦାୟ କରିବାକୁ ଅନୁମତି ଦେବା ଦ୍ୱାରା ରାଜସ୍ୱ ଆଦାୟ ଉଦ୍ଦେଶ୍ୟରେ ରାଜ୍ୟ ମଧ୍ୟରେ ଅସ୍ୱାସ୍ଥ୍ୟକର ▶▶ପୃଷ୍ଠା ୭

## କଂସାର ପଂଚାୟତର ଦୋକାନ ଗୃହ ଜବର ଦଖଲ ସଂପର୍କରେ ଅଭିଯୋଗ

କେନ୍ଦ୍ରାପଡ଼ା, ୨୫/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଂଚାୟତ ର ସ୍ୱୟଂ ସହାୟିକା ଗୋଷ୍ଠୀ ନେଇଥିବା ୧୪ ଗୋଟି ଦୋକାନ ଗୃହକୁ ତାଲା ଭାଙ୍ଗି କେତେକ ବ୍ୟକ୍ତି ଜବର ଦଖଲରେ ରଖିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ରୁ ପ୍ରକାଶ ପୂର୍ବତନ ସରପଂଚ ପ୍ରଦ୍ୟୁମ୍ନ ଜେନାଙ୍କ ସମୟରେ ପଂଚାୟତ ରେ ନିର୍ମାଣ ହୋଇଥିବା ୧୪ ଗୋଟି ଗୃହକୁ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ଟଙ୍କା ଦାଖଲ କରି ଭଡା ସୂତ୍ରରେ ନେଇଥିଲେ । କିନ୍ତୁ ସ୍ଥାନୀୟ କେତେକ ଯୁବକ ସରପଂଚଙ୍କ ଇଙ୍ଗିତ ରେ ସ୍ୱୟଂ ସହାୟିକା ଗୋଷ୍ଠୀ ନେଇଥିବା ଦୋକାନ ଗୃହର ତାଲା ଭାଙ୍ଗି ନିଜେ ଅନ୍ୟ ତାଲା ପକାଇ ଦଖଲ ରେ ନେଇଥିବାରୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ନିରାଶ ହୋଇ ପଡିଛନ୍ତି । ଏହି ଦୋକାନ ଗୃହ ନେବାପାଇଁ ଗୋଷ୍ଠୀର ମହିଳା ମାନେ ଋଣ ସୂତ୍ରରେ ଟଙ୍କା ଆଣି ଅଗ୍ରିମ ଟଙ୍କା ଜମା ଦେଇଥିଲେ । ଏ ବିଷୟରେ ମହିଳାମାନେ ବିଡିଓଙ୍କୁ ଅଭିଯୋଗ କଲାପରେ ମଧ ବିଡିଓ ସବୁ ଜାଣିଶୁଣି ନିରବ ହୋଇ ରହୁଛନ୍ତି । ଆମେ ଆଣିଥିବା ଋଣ ବୋଝ ବଢୁଥିବାବେଳେ ଦୋକାନ ଗୃହର ସମାଧାନ ହୋଇପାରୁ ନାହିଁ । ଏଣୁ ଆମେ ଆପଣଙ୍କୁ ଅନୁରୋଧ କରୁଛୁ ଆପଣ ତଦନ୍ତ କରି ଦୋକାନ ଗୃହ ଆମକୁ ଫେରସ୍ତ କଲେ ଆମେ ଉକ୍ତ ଦୋକାନ ଗୃହରେ ବ୍ୟବସାୟ ଆରମ୍ଭ କରିବୁ ବୋଲି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଅମରାବତୀ ବେହେରା, ବୈଜୟନ୍ତୀ ରାଉତ, ଶଶୀରେଖା ପ୍ରଧାନ, ଜୟନ୍ତୀ ପରିଡା, ଲୁସି ସେଠୀ, ସ୍ୱାଗତିକା ଜେନା ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ଦେଶି ମଦ ଚାଲାଣ ବେଳେ ଚଢ଼ାଉ: ଜଣେ ଗିରଫ

ଜୟପୁର , ୨୪ ଜୁଲାଇ (ହି.ସ.) ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଚଢାଉ କରାଯାଇ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଉମୁରି ଗ୍ରାମର ତ୍ରିନାଥ ମଙ୍ଗରିଆ । ସୁଚନା ଅନୁଯାଇ ଦେଶି ମଦ ଚାଲାଣ ହେଉଥିବା ସୁଚନା ପାଇ ଜୟପୁର ଅବକାରି ଥାନା ପକ୍ଷରୁ ଆଜି ଉମୁରି ଗ୍ରାମ ରାସ୍ତାରେ ଚଢାଉ କରିଥିଲା । ଚଢାଉ କର ୯ ଲିଟର ଦେଶି ମଦ ଜବତ କରିଥିଲା । ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୁଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ

ବଲାଙ୍ଗିର , ୨୫/୦୭ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁଜୁର ଏବଂ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଦୀପ ସାହୁ ଙ୍କ ସମେତ ସହରର ମାନ୍ୟଗଣ୍ୟ ବ୍ୟକ୍ତି ,ବୁଦ୍ଧିଜୀବୀ ,ବିଭିନ୍ନ ବିଭାଗର ଅଧିକାରୀ ,ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ର କର୍ମକର୍ତ୍ତା ,ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର କର୍ମକର୍ତ୍ତା ଓ ଗଣ ମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ କୁ ମହାସମାରୋହରେ ପାଳନ କରିବା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଆଲୋଚ୍ୟ ବିଷୟ ଉପସ୍ଥାପନ କରିଥିଲେ । ବୈଠକର ନିଷ୍ପତ୍ତି ପ୍ରକାରେ ୧୫ ଅଗଷ୍ଟ ଦିନ ପ୍ରାତଃ ୪ ଘଟିକା ସମୟରେ ରାମଧୁନ ,ସକାଳ ୬ ରୁ ୭ ଘଟିକା ମଧ୍ୟରେ ସମସ୍ତ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଭାତ ଫେରି ,ସକାଳ ୭ ରୁ ୮ ମଧ୍ୟରେ ସରକାରୀ ,ବେସରକାରୀ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ,ସକାଳ ୭.୩୦ ରୁ ୮ ମଧ୍ୟରେ ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଏବଂ ସକାଳ ୯.୧୫ ସମୟରେ ମନୋହରପୁର ରିଜର୍ଭ ପୋଲିସ ପଡିଆ ରେ ଆନୁଷ୍ଠାନିକ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ । ଦିବସର ମୁଖ୍ୟ ଅତିଥି ଆନୁଷ୍ଠାନିକ ଉତ୍ସବ ରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ର ଅଭିବାଦନ ଗ୍ରହଣ କରିବେ । ସମ୍ମିଳିତ ପ୍ୟାରେଡ ରେ ହୋମ ଗାର୍ଡ ,ଏନସିସି ,ସ୍କାଉଟ ,ଗାଇଡ ,ରେଡକ୍ରସ ଓ ସିଭିଲିଆନ ଦଳ ଅଂଶ ଗ୍ରହଣ କରିବେ । ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଦେଶାତ୍ମବୋଧକ ସଂଗୀତ, ଚିତ୍ରାଙ୍କନ ,ସ୍ୱାଧୀନତା ସଂଗ୍ରାମୀ ବେଶ ,ଓଡିଆ ,ଇଂରାଜୀ ପ୍ରବନ୍ଧ ଓ ବକ୍ତୃତା, ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ଆଗାମୀ ୩ ତାରିଖ ଠାରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ । ଏତଦବ୍ୟତୀତ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନୀୟ ସଫଳତା ହାସଲ କରି ଜିଲ୍ଲା କୁ ଗର୍ବାନ୍ୱିତ କରିଥିବା ପ୍ରତିଭା ମାନଙ୍କୁ ପୁରସ୍କୃତ କରାଯିବ । ପ୍ୟାରେଡ ଉତ୍ସବ ପରେ ଜିଲ୍ଲା କାରାଗାର ର ଅନ୍ତେବାସୀ ,ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଚିକିତ୍ସାଧୀନ ରୋଗୀ ଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ ସହ ପୁଇଁତଳା ସ୍ଥିତ କୁଷ୍ଠ କଲୋନୀ ଅନ୍ତେବାସୀ ଙ୍କୁ ବସ୍ତ୍ର ବଣ୍ଟନ କରାଯିବ । ବୈଠକ ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ

କୋରେଇ, ୨୫/୦୭ (ନି.ପ୍ର): ପାଣିକୋଇଲି ପୁଲିସ , ବ୍ୟାସନଗର ତହସିଦାର ଓ ବିଦ୍ୟୁତ ବିଭାଗ ଉପସ୍ଥିତିରେ ଜବର ଦଖଲ ଉଚ୍ଛେଦ ହୋଇଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ଅନ୍ତର୍ଗତ ସୋଡି ମୌଜାରେ ସୋଡି ଗ୍ରାମର ରଂଜନ ପଣ୍ଡା ଜାତୀୟ ରାଜପଥ ଜାଗାକୁ ଅକ୍ତିଆର କରି ଏକ ଘର ନିର୍ମାଣ କରିଥିଲେ । ରାସ୍ତା ପାର୍ଶ୍ୱ ଜମି ଥିବା ଅନିରୁଦ୍ଧ ଦାଶ ତାଙ୍କ ଜାଗାକୁ ରାସ୍ତା ନପାଇବାରୁ ରାଜପଥ ଅଧିକାରଙ୍କ ନିକଟରେ ଅଭିଯୋଗ କରିଥିଲେ । ଆଜି ରାଜପଥ ବିଭାଗ ପକ୍ଷରୁ ଏହି ଜାଗାକୁ ଖାଲି କରିବାକୁ ନିର୍ଦ୍ଦେଶ ରହିଥିଲା । ରାଜପଥ ବିଭାଗ ନିର୍ଦ୍ଦେଶ ଅନୁଯାୟୀ ପାଣିକୋଇଲି ପୁଲିସ, ବ୍ୟାସନଗର ତହିଲଦାର ଓ ବିଦ୍ୟୁତ ବିଭାଗ ଉକ୍ତ ସ୍ଥାନରେ ପହଂଚି ଜବର ଦଖଲ ଉଚ୍ଛେଦ କରିଥିଲା । ନିର୍ମାଣାଧିକ କୋଠାକୁ ଜେସିବି ମାଧ୍ୟମରେ ଭାଂଗି ଚୁରମାର କରିଛନ୍ତି । ସରକାରୀ ଜମି ଜବର ଦଖଲ ବା ଜାତୀୟ ରାଜପଥ ଜମି ଜବରଦଖଲ ପାଇଁ ତାଙ୍କୁ ଅଭିଯୋଗ କ୍ରମେ ଭଂଗା ହେଲାବୋଲି ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ ସୂଚନା ଦେଇଛନ୍ତି ।

# ପୋଖରୀ ନିଲାମ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡ଼ା, ୨୫/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ପଂଚାୟତ ଅଧିନସ୍ଥ ଦିଗି ପୋଖରୀ ନିଲାମ ନେଇଥିବା ଆଶୁତୋଷ ସ୍ୱୟଂ ସହାୟିକା ଗୋଷ୍ଠୀ ମନମାନି ବିରୋଧରେ ସେହି ଗ୍ରାମର କେତେକ ବ୍ୟକ୍ତି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ନିଲାମ ନେଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ନିଲାମ ନେବାପରେ ଏହାକୁ ଠିକ୍ ଭାବରେ ପରିଚାଳନା କରି ନପାରି ପୁରୁଷୋତମପୁର ଗ୍ରାମର ୧୯ ଜଣ ଯୁବକଙ୍କୁ ଆତ୍ମନିର୍ଭରଶୀଳ ପ୍ରଲେଭନ ଦେଖାଇ ୨୦୨୧ ମସିହାରେ ଚୁକ୍ତିନାମା ପତ୍ରରେ ଚୁକ୍ତି କରିଥିଲେ । ପରବର୍ତୀ ସମୟରେ ଏମାନଙ୍କ ମଧ୍ୟରୁ ୩ଜଣ ଯୁବକ ଓହରି ଯାଇଥିଲେ । ପୋଖରୀ ର ଦଳ ସଫେଇ, ମାଛ ଚାଷ, ଜଗା ରଖା ଆଦି ସମସ୍ତ ଖର୍ଚ୍ଚ କରି ଠିକ୍ ଭାବରେ ୧୬ ଜଣ ସଦସ୍ୟ ସଂପାଦନ କରିବେ । ଏଥିରେ ଉପାର୍ଜିତ ଅର୍ଥ ୧୦ ଭାଗ ସ୍ୱୟଂ ସହାୟିକା ଗୋଷ୍ଠୀ ନେବେ । ଅବଶିଷ୍ଟ ଅର୍ଥ ପୋଖରୀରେ ମାଛ ଚାଷରେ ଲାଗିବ । କିନ୍ତୁ ଏହା ଠିକ ଭାବରେ କାର୍ଯ୍ୟକାରୀ ହୋଇପାରି ନଥିଲା । ଚଳିତ ବର୍ଷ ଫ୍ରେବୃଆରୀ ମାସରେ ୬ ଲକ୍ଷ ୭୨ ହଜାର ଟଙ୍କା ମିଳିଥିବା ପ୍ରୋତ୍ସାହନ ରାଶିକୁ ଗୋଷ୍ଠୀର କିଛି କୁଚକ୍ରୀ ସଦସ୍ୟ ପରାମର୍ଶରେ ଅର୍ଥକୁ ନ ଉଠାଇ ପୋଖରୀର ଦଳ ସଫେଇ, ମାଛ ଚାଷ ଜଗା ରଖାରେ ବ୍ୟାଘାତ ସୃଷ୍ଟି କରି ପୋଖରୀରୁ ମାଛ ଚୋରୀ କରିବା ସହିତ ପ୍ରାକୃତିକ ପରିବେଶକୁ ନଷ୍ଟ କରିବା ଏବଂ ୧୬ ଜଣ ଯୁବକଙ୍କୁ ଠକିବା ସଙ୍ଗେ ସଙ୍ଗେ ପଂଚାୟତ ସ୍ୱାର୍ଥକୁ ନଷ୍ଟ କରୁଛନ୍ତି । ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାନ୍ତ କୁମାର ମେକାପ, ମନୋଜ ସୁତାର, ଅର୍ଜୁନ ଚରଣ ସାହୁ, ସିଲୁ ସୁତାର, ରମାକାନ୍ତ ଓଝା, କୈଳାସ ଷଡଙ୍ଗୀ ଭ୍ରମରବର ଦାସ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଦାବି କରିଛନ୍ତି ।

# ଫୁଲବାଣୀରେ ସର୍ବାଧିକ ଚାଷୀଙ୍କୁ ଋଣ ପ୍ରଦାନପାଇଁ ଫୁଲବାଣୀ ବିସିସିବି ବ୍ୟାଙ୍କକୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଓ ସମ୍ବର୍ଦ୍ଧନା

କନ୍ଧମାଳ, ୨୫/୦୭ (ନି.ପ୍ର): ଫୁଲବାଣୀରେ ସର୍ବାଧିକ କୃଷି ଋଣ ପ୍ରଦାନ ଏବଂ ସେମାନଙ୍କର ସଫଳ ଚାଷ ନିମନ୍ତେ ସହାୟତା ପାଇଁ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାରୁ ଫୁଲବାଣୀ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । କନ୍ଧମାଳ ଜିଲ୍ଲାରେ କୃଷି ଋଣ ପ୍ରଦାନ କ୍ଷେତ୍ରରେ ୨୦୨୧/୨୨ ଅର୍ଥିକ ବର୍ଷରେ ରବି ଏବଂ ଖରିଫ ଚାଷ ପାଇଁ ପ୍ରାୟ ୭ ହଜାର ଚାଷିଙ୍କୁ ଋଣ ପ୍ରଦାନ କରି ସେମାନଙ୍କ କୃଷିରେ ସହାୟତା କରିଥିବାରୁ ଶାଖାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଫୁଲବାଣୀରେ ଡିସିସି ବୈଠକରେ ଜିଲ୍ଲା ପ୍ରଶାସନ ପକ୍ଷରୁ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ସମବାୟ ବ୍ୟାଙ୍କ ଫୁଲବାଣୀ ଶାଖାର ପରିଚାଳକ ଖିରୋଦ କୁମାର ମିଶ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ବ୍ୟାଙ୍କ ଫୁଲବାଣୀର ସମୁଦାୟ ୬ଟି ଲ୍ୟାମ୍ପସେସ୍ ଜରିଆରେ ଏହି ଋଣ ପ୍ରଦାନ କରା ଯାଇଥିବାରୁ ଲ୍ୟାମ୍ପସେସ୍ ଗୁଡିକ ପକ୍ଷରୁ ବିସିସିବି ବ୍ୟାଙ୍କ ଶାଖା ପରିଚାଳକଙ୍କୁ ସାଧୁବାଦ ଦେବା ସହିତ ତାଙ୍କୁ ଫୁଲବାଣୀ ଲ୍ୟାମ୍ପସେସ୍ ପକ୍ଷରୁ ମଧ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଫୁଲବାଣୀ ଲ୍ୟାମ୍ପସେସ୍ କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକ ଭିମସେନ ସାହଙ୍କ ଦ୍ୱାରା ପୁଷ୍ପ ଗୁଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ଶାଖାର ସମସ୍ତ କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ବିଧାନସଭାରେ ଉଠିଲା ବଲାଙ୍ଗୀରରେ କୃଷିବିଶ୍ୱବିଦ୍ୟାଳୟ ପ୍ରସଙ୍ଗ

ବଲାଙ୍ଗୀର, ୨୫/୦୭ (ନି.ପ୍ର): ବଲାଙ୍ଗୀରରେ ଓଡ଼ିଶାର ଦ୍ୱିତୀୟ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ବହୁବର୍ଷ ହେଲା ଦାବି ହୋଇ ଆସୁଛି । ଆଜି ଏହି ପ୍ରସଙ୍ଗରେ ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ବିଧାନସଭାରେ ଏନେଇ ପ୍ରଶ୍ନ ଉପସ୍ଥାପନ କରିଛନ୍ତି । ବଲାଙ୍ଗୀରରେ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ସରକାର କଣ ପଦକ୍ଷେପ ନେଉଛନ୍ତି ବୋଲି ରାଜ୍ୟସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏହାର ଉତର ରଖି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକସଶକ୍ତିକରଣ ବିଭାଗର ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି ଯେ,ରାଜ୍ୟରେ କୃଷିବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ଭାରତସରକାରଙ୍କ ଶିକ୍ଷାନୀତି, ୟୁଜିସିର ନୀତିନୀୟମ ଏବଂ ଶିକ୍ଷାର ପରିମାପକର ନିର୍ଦ୍ଦେଶାବଳୀ(ଡିନସ କମିଟି ରିପୋର୍ଟ) ଅନୁସରଣ କରାଯାଏ । ବଲାଙ୍ଗୀର ଜିଲ୍ଲାରେ ଓଡିଶା କୃଷି ଓ ବୈଷୟୀକ ବିଶ୍ୱବିଦ୍ୟାଳୟ ଅଧିନରେ ଥିବା କୃଷିବିଜ୍ଞାନ କେନ୍ଦ୍ର(କେଭିକେ) ମାଧ୍ୟମରେ ଜିଲ୍ଲାର ଚାଷିମାନଙ୍କ ଜମିରେ କ୍ଷେତ୍ର ପରୀକ୍ଷଣ ଓ କ୍ଷେତ୍ରପ୍ରଦର୍ଶନ କରାଯାଇ ଚାଷିଙ୍କୁ ତାଲିମ ଦିଆଯାଉଛି ଏବଂ ଗୋଟିଏ ଅଗ୍ରୋପଲିଟେକନିକ ସେଂଟର ମଧ୍ୟ କାର୍ଯ୍ୟ କରୁଅଛି ବୋଲଗ୍ମନ୍ତ୍ରୀ ଉତର ରଖିଛନ୍ତି । ସେହିପରି ବିଧାୟକ କଳିକେଶଙ୍କ ଏକ ଅଣତାରକା ପ୍ରଶ୍ନର ଉତରରେ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉତର ରଖି କହିଛନ୍ତି ଯେ,ବଲାଙ୍ଗୀର ଜିଲ୍ଲାର ୧୪ଗୋଟି ବ୍ଲକ ଓ ୫ଟି ସହରାଂଚଳରେ ମୋଟ ୪,୨୦,୦୫୯ ପରିବାରର ୧୩,୬୯,୩୯୫ ଜଣ ସଦସ୍ୟଙ୍କୁ ଜାତୀୟଖାଦ୍ୟ ସୁରକ୍ଷା ଯୋଜନାରେ ଖାଉଟିକାର୍ଡ ପ୍ରଦାନ କରାଯାଇଛି । ଏହି ତାଲିକାରୁ ବଂଚିତ ଥିବା ପରିବାରଙ୍କୁ ସାମିଲ କରିବାକୁ ଜିଲ୍ଲାରେ ୩୭୮ଟି ରେସନକାର୍ଡ ପରିଚାଳନା (ଆରସିଏମଏସ) କେନ୍ଦ୍ର କାର୍ଯ୍ୟକ୍ଷମ କରାଯାଇଛି ଯେଉଁଠି ଆବେଦନକାରୀମାନେ ଆବେଦନ କରିପାରିବେ । ଏହା ବ୍ୟତିତ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗର ୱେବସାଇଟରେ ମଧ ଆବେଦନ କରାଯାଇ ପରିବ । ଆବେଦନ ଦାଖଲ କଲାପରେ ଏହାକୁ ୧୨ଟି ସ୍ୱତଃ ଯୋଗଦେବା ମାନଦଣ୍ଡ ଓ ୧୦ଗୋଟି ବାଦଦେବା ମାନଦଣ୍ଡ ଆଧାରରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ ଦ୍ୱାରା ଏହାର ଯାଂଚ କରାଯିବ । ତେବେ ଏବେ ହିତାଧିକାରୀ ତଥ୍ୟାବଳିକୁ ସ୍ୱଚ୍ଛ କରିବାକୁ ଆଧାର ଭିତିକ (ଇ କେୱାଇସି) ଯାଂଚ ଚାଲିଥିବାରୁ ଏହି ପ୍ରକ୍ରୀୟା ସରିଲାପରେ ନୂଆ ହିତାଧିକାରୀଙ୍କୁ ରେସନକାର୍ଡ ଯୋଗାଇବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ଉତରରଖିଛନ୍ତି । ଠିକ ସେହିପରି ବଲାଙ୍ଗୀର ଓ ବଲାଙ୍ଗୀର ସଦର ବ୍ଲକ ଅଂଚଳ ପ୍ରାଣୀଧନର ବୀମା ପ୍ରସଙ୍ଗ ମଧ ଉଠାଇଥିଲେ । ସେଥିରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉତର ରଖିକହିଛନ୍ତି ଯେ, ବଲାଙ୍ଗୀର ପୌରପାଳିକାରେ ଗାଈଗୋରୁ ସଂଖ୍ୟା ୧୯୪୨ଟି ଓ ୩,୮୪୦ ଛେଳି,ମେଣ୍ଢା ଓ ଘୁଷୁରୀ ରହିଥିବା ବେଳେ ସେଥିରୁ ମାତ୍ର ୩୫ଟି ଗାଈଗୋରୁ ବୀମାଭୁକ୍ତ ହୋଇଛନ୍ତି ।

## ବ୍ୟବସାୟିକ ଭିତିରେ ଛତୁ ଚାଷ ଗ୍ରାମୀଣ ଯୁବକ/ଯୁବତୀଙ୍କୁ ତାଲିମ

କେନ୍ଦ୍ରାପଡ଼ା, ୨୫/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଗ୍ରାମୀଣ ଯୁବକ/ଯୁବତୀଙ୍କ ନିମନ୍ତେ ବ୍ୟବସାୟିକ ଭିତିରେ ଛତୁଚାଷ ପାଇଁ ତାଲିମ ପ୍ରଦାନ କରାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ବୈଜ୍ଞାନିକ ନମିତା ମହାପାତ୍ର, ଛତୁ ଉଦ୍ୟୋଗୀ ଅମିତାଭ ରାଉତ ପ୍ରମୁଖ ଯୁବକ/ଯୁବତୀ ମାନେ ଛତୁ ଚାଷ କରି ସେମାନେ ନିଜର ପରିବାର ଓ ଆର୍ଥିକ ଅବସ୍ଥା ସୁଦୃଢ କରିପାରିବେ ସେଥିପାଇଁ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ଯୁବକ/ଯୁବତୀ ଏହି ତାଲିମ କେନ୍ଦ୍ରରେ ପହଁଚି ଛତୁଚାଷ ପାଇଁ ତାଲିମ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ ବ୍ଲକର ଶତାଧିକ ଯୁବକ/ଯୁବତୀ ଉପସ୍ଥିତ ଥିଲେ ।

# ବାଳିକା ଶିକ୍ଷା ପାଇଁ 'ପୁରି ପଢାଇ ଦେଶ କି ଭଲାଇ' ଅଭିଯାନ

କନ୍ଧମାଳ, ୨୫/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକର ଗୋଛାପଡ଼ା ଥାନା ଅର୍ନ୍ତଗତ ବାଲନ୍ଦାପଡ଼ାରେ ବାଳିକା ଶିକ୍ଷାକୁ ଆଗେଇନବା ପାଇଁ "ପୁରି ପଢାଇ ଦେଶ କି ଭଲାଇ" ଅଭିଜାନ ସ୍ୱାତୀ ଓ କ୍ରାଏ ଅନୁଷ୍ଠାନର ମିଳିତ ସହଯୋଗରେ ଆରମ୍ଭ କରାଯାଇଛି । ଏହି ଅଭିଜାନର ଲକ୍ଷ କିପରି ବାଳିକାମାନେ ସଂପୂର୍ଣ୍ଣ ଶିକ୍ଷା ଗ୍ରହଣ କରିବେ ଅତିକମ୍ ରେ ଦ୍ୱାଦଶ ବା ଯୁକ୍ତ ୨ ପର୍ଯ୍ୟନ୍ତ । ଏହି ଅଭିଜାନ ମାଧ୍ୟମରେ ଯେଉଁ ଝିଅ ମାନେ ପାଠ ଛାଡିଛନ୍ତି ବା ସ୍କୁଲ କୁ ଜିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି ସେମାନଙ୍କୁ କିପରି ଶିକ୍ଷା ବ୍ୟବସ୍ଥା ସହିତ ଯୋଡିବା । ସ୍ୱାତୀ ଏହି ଅଭିଜାନ ବାଲନ୍ଦାପଡା, ଲୁଇସିଂ, କୋଇରିମାଣ୍ଡୁ, ପାହିରାଜୁ ଓ ପକାରିର ଗ୍ରାମପଂଚାୟତରେ କରିବ ବୋଲି ଯୋଜନା କରିଛନ୍ତି । ଏହି ଅଭିଜାନ ତା ୨୨ ଜୁଲାଇ ରୁ ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଉପଯୁକ୍ତ ଅଂଚଳ ରେ ସବୁ ବର୍ଗର ଲୋକ, ପିତା, ମାତା, ଅଭିଭାବକ ସହିତ ସରକାରୀ ଓ ବେସରକାରୀ ଅଧିକାରୀ ମାନେ ଯୋଡି ହେବା ସହିତ ଏହି ଅଭିନବ ଅଭିଜାନକୁ ପ୍ରସଂଶା କରିଛନ୍ତି । ଜିଲ୍ଲା ସ୍ତରରେ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗି, ନିରୁପମା ଦୋରା; ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରିଶ୍ନା ପଣ୍ଡା, ସି.ଡବ୍ଲୁ.ସି ର ଅଧକ୍ଷ ରଜତ ଦିଗାଲ; ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଦେବଜାନୀ ଭୂୟାଁ; ଡିସିପିଓ ରଶ୍ମିତା କରନ୍; ସନ୍ଧ୍ୟାରାଣୀ ନାୟକ ସମେତ ଶିକ୍ଷକ, ଶିକ୍ଷୟତ୍ରୀ, ସରପଂଚ, ଗ୍ରାମ ଓ ଜାତି ମୁଖିଆ ଯୋଡିହୋଇଛନ୍ତି । ପୁରି ପଢାଇ ଦେଶ କି ଭଲାଇ ଓଡିଶା ର ବିଭିନ୍ନ ଜାଗାରେ ଓ ଅନ୍ୟ ରାଜ୍ୟ ରେ କ୍ରାଏ ତାର ସହଯୋଗୀ ଅନୁଷ୍ଠାନ ମାଧ୍ୟମରେ କରୁଅଛି । ଏହି ଅଭିଜାନ ର ସଫଳ କରିବା ପାଇଁ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ, ରାଲି, ଆଲୋଚନା ଗ୍ରାମ ସ୍ତରରେ କରାଜିବ ବୋଲି ସ୍ୱାତୀ ର ସମ୍ପାଦକ ଇଂ ହରିଶଙ୍କର ରାଉତ କହିଥିଲେ । ଏହି ଅଭିଜାନର ସଂଯୋଜନା ଦାୟିତ୍ୱ ରେ ସ୍ୱାତୀର କର୍ମୀ ପ୍ରଦୀପ କୁମାର ସ୍ୱାଇଁ, ମାନସ ରଞ୍ଜନ ପ୍ରଧାନ, ବିନ୍ଧ୍ୟାରାଣୀ ପ୍ରଧାନ, ଅପରାଜିତା ଜାନି, ମାଣିକ ବେହେରା ଓ ଗୌତମ ମଲ୍ଲିକ ଅଛନ୍ତି ।

# ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ହୃଦଭରା ଶ୍ରଦ୍ଧାଞ୍ଜଳି

ଜୟପୁର, ୨୫/୦୭ (ନି.ପ୍ର): ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ସ୍ୱର୍ଗତ ପଦ୍ମଶ୍ରୀ କମଳା ପୂଜାରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ୭୬ ବର୍ଷ ବୟସରେ କମଳା ମାଙ୍କର ଗତ ୨୦ ତାରିଖ ଦିନ ବିୟୋଗରେ ସମଗ୍ର ଓଡିଶା ରେ ବିଷାଦର ଛାୟା ଖେଳିଯାଇଥିଲା, ବିଶେଷତଃ ପାତ୍ରପୁଟ ଗ୍ରାମବାସୀ ତାଙ୍କ ମାଟିର ଗରୀୟସୀ ମହିଳା ମା କମଳାଙ୍କୁ ହରାଇ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଥିଲେ କିନ୍ତୁ ତାଙ୍କରି ଅନ୍ତିମ ବିଦାୟ ରାଷ୍ଟ୍ରୀୟ ସମ୍ମାନ ସହ ହେବାରୁ ସେମାନେ ଗର୍ବିତ ବୋଲି କହିଥିଲେ । ତାଙ୍କ ପୁତ୍ର ଧନୁର୍ଜୟ ପୂଜାରୀ ଏହି ଅବସରରେ ମାତାଙ୍କର ପ୍ରେରଣା ତାଙ୍କ ଜୀବନର ଏକ ମୂଳ ଦିଗଦର୍ଶନ ହେବ ବୋଲି କହିଥିଲେ । ଏଥିରେ ଜିଲ୍ଲାପାଳ କୋରାପୁଟ ଭି. କୀରିଥି ଭାଶନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କମଳା ମାଙ୍କର ଅବଦାନ ଚିରସ୍ମରଣୀୟ ତଥା ତାଙ୍କ ପାଦଗତି କେବଳ କୋରାପୁଟ ବାସି ନୁହଁ ବରଂ ସମଗ୍ର ଓଡିଶା ନିମନ୍ତେ ଏକ ଅନୁସରଣୀୟ ବୋଲି କହିବା ସଙ୍ଗେ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ସ୍ଥିତ କେନ୍ଦ୍ରୀୟ ବିହନ ପାଣ୍ଠି କୁ ପଦ୍ମଶ୍ରୀ କମଳା ପୂଜାରୀଙ୍କ ନାମରେ ଉନ୍ମୋଚନ କରିବା ସହ ଚାଷୀ ମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଥିଲେ । ଏଥିରେ ଶ୍ରୀ ପ୍ରଶାନ୍ତ କୁମାର ପରିଡା, ଭାରପ୍ରାପ୍ତ ନିର୍ଦ୍ଦେଶକ, ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ସହ ଶ୍ରୀ କମଳା ମାଙ୍କର ଯାତ୍ରା ତଥା ଦେଶୀ ବିହନ ସଂରକ୍ଷଣ, ପ୍ରଚାର ଓ ପ୍ରସାର ତାଙ୍କରି ଅବଦାନ ଅତୁଳନୀୟ ଏବଂ ତାଙ୍କ ସହିତ କାର୍ଯ୍ୟ କରିବାର ଏକ ବିଶେଷ ଅନୁଭୂତି ଥିଲା ବୋଲି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା କୃଷି ଅଧିକାରୀ ଲୋଇଚନ ଚରଣ ମାଝୀ, ଜୋନାଲ ମ୍ୟାନେଜର, ଓଡିଶା ରାଜ୍ୟ ବିହନ ନିଗମ, ଜୟପୁର ଶିତିକାନ୍ତ ଦାସ, ଅତିରିକ୍ତ ଜିଲ୍ଲା ଉଦ୍ୟାନ ବିଭାଗ ଅଧିକାରୀ ସଂଜୀବ କୁମାର ମହନ୍ତ, ଜିଲ୍ଲା ମତ୍ସ୍ୟ ଅଧିକାରୀ ତ୍ରିବେଣୀ ପାତ୍ର, ଏହା ସହିତ କୋରାପୁଟ ଜିଲ୍ଲାର ଅନେକ ଅଗ୍ରଣୀ ଚାଷୀ ଯଥା ମାଣ୍ଡିଆ ରାଣୀ ଶ୍ରୀମତୀ ରାଇମତି ଘିଉରିଆ, ନେତ୍ରାନନ୍ଦ ଲେଙ୍କା ଏବଂ ଏମ. ଏସ. ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ, ଜୟପୁର ର କାର୍ତିକ ଚରଣ ଲେଙ୍କା ଓ ସମସ୍ତ କର୍ମକର୍ତାମାନେ ଯୋଗଦେଇ କମଳା ମାଙ୍କର ନିଜର ଅନୁଭୂତି ତଥା ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କମଳା ମା ଆମ କୋରାପୁଟ ର ପାରମ୍ପରିକ ଧାନ ବିହନର ସଂରକ୍ଷଣ ଏବଂ ଆଦିବାସୀ ମହିଳା ଚାଷୀମାନଙ୍କ ନିମନ୍ତେ ଏକ ବିଶେଷ ପ୍ରେରଣାର ଉତ୍ସ ହୋଇରହିବେ ବୋଲି କହିଥିଲେ ।

# ସ୍କୁଲ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଶିକ୍ଷା ସପ୍ତାହ ପାଳନ

ସୁବର୍ଣ୍ଣପୁର, ୨୫/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୁଡିକରେ ତା ୨୨/୦୭/୨୪ରୁ ତା ୨୮/୦୭/୨୪ ପର୍ଯ୍ୟନ୍ତ ଜାତୀୟ ଶିକ୍ଷା ନୀତି ୨୦୨୦ ର ୪ର୍ଥ ବର୍ଷ ପୂର୍ତୀ ଅବସରରେ 'ଶିକ୍ଷା ସପ୍ତାହ' ପାଳନ କରାଯାଉଛି । ଜିଲ୍ଲା ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସପ୍ତାହ ପାଳନ ପରିପ୍ରେକ୍ଷୀରେ ସପ୍ତାହର ପ୍ରତ୍ୟେକ ଦିନରେ ଛାତ୍ର ଛାତ୍ରୀଙ୍କୁ ବୌଦ୍ଧିକ, ଶୈକ୍ଷିକ ତଥା ବ୍ୟବହାରିକ ଜ୍ଞାନର ସଂଜ୍ଞାନ ସହ ମାନସିକ ବିକାଶ ନିମନ୍ତେ ଆବଶ୍ୟକ ଶିକ୍ଷା ପ୍ରଦାନ କରାଯିବ । ପ୍ରଥମ ଦିନ କୁ ଶିକ୍ଷଣ ସାମଗ୍ରୀ ଦିବସ ଭାବେ ପାଳନ କରାଯାଇଥିବା ବେଳେ ଦ୍ୱିତୀୟ ଦିବସରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦିବସ ଭାବେ ପାଳନ କରାଯାଇଛି । ସେହିପରି ତୃତୀୟ ଦିବସକୁ କ୍ରୀଡା ଦିବସ, ଚତୁର୍ଥ ଦିବସ କୁ ସାଂସ୍କୃତିକ ଦିବସ, ପଂଚମ ଦିବସକୁ ଦକ୍ଷତା ଓ ଡିଜିଟାଲ ପ୍ରୋତ୍ସାହନ ଦିବସ, ଷଷ୍ଠ ଦିବସ କୁ ଇକୋ କ୍ଲବ/ସ୍କୁଲ ପୋଷକ ଦିବସ ଓ ସପ୍ତମ ତଥା ଶେଷ ଦିବସ କୁ ସମ୍ପ୍ରଦାୟ ଯୋଗଦାନ ଦିବସ ଭାବେ ପାଳନ କରାଯିବ । ଏହି ଶିକ୍ଷା ସପ୍ତାହ ପାଳନ ଜିଲ୍ଲାର ସମସ୍ତ ୯୩୮ ଗୋଟି ବିଦ୍ୟାଳୟରେ ଏକକାଳୀନ ଅନୁଷ୍ଠିତ କରାଯାଉଥିବା ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି । ଏହି ସପ୍ତାହ ପାଳନ କୁ ସାକାର କରିବାକୁ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଅଭିଭାବିକା ମଣ୍ଡଳୀ, ଶିକ୍ଷକ ଶିକ୍ଷୟତ୍ରୀ ପ୍ରଭୃତି ଯୋଗଦାନ କରି ପାଳନ କରାଯାଉଛି ।

# ସରକାରୀ ସହାୟତା ଅପେକ୍ଷାରେ ଭିନ୍ନକ୍ଷମ ମଙ୍ଗୁଳି

କୋରେଇ, ୨୫/୦୭ (ନି.ପ୍ର): ଅର୍ଥ ସାଜିଛି ବାଧକ । ଭିନ୍ନକ୍ଷମ ଯୋଗୁଁ ପରିବାର ଚଳାଇବାରେ କଷ୍ଟ ହେଉଛି । ମାସିକ ଭତା ଓ ରାସନ ଚାଉଳକୁ ବାଦ ଦେଲା ପରେ ଆଉ କିଛି ସହାୟତା ମିଳୁନାହିଁ । ଏ ହେଉଛି କୋରାଇ ବ୍ଲକ ଗୋଳେଇପୁର ପଂଚାୟତର ବାଟୁଳ ଗ୍ରାମର ଭିନ୍ନକ୍ଷମ ମଙ୍ଗୁଳି ମଳିକଙ୍କର ଦୁଃଖ କାହାଣୀ । ୧୯୯୯ ମସିହାରେ ବାମ ଗୋଡ଼ ପାଦରେ ଏକ ଲୁହା କଂଟା ଝୁଂଟିଯିବା କାରଣରୁ ସେପଟିକ ହୋଇଯିବାରୁ ତାହାକୁ ଆଣ୍ଠୁ ତଳକୁ କଟାଯାଇଥିଲା । ବହୁ କଷ୍ଟରେ ଧାର କରଜ କରି ସୁସ୍ଥ ହେଲା ସତ କିନ୍ତୁ ଗୋଟିଏ ଗୋଡ଼ ହରାଇ ସବୁଦିନ ପାଇଁ ଭିନ୍ନକ୍ଷମ ପାଲଟି ଗଲା । ମଙ୍ଗୁଳିକୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି ସତ କିନ୍ତୁ ୬୦% ଭିନ୍ନକ୍ଷମ ଲେଖା ହୋଇଥିବାରୁ କୌଣସି କାର୍ଯ୍ୟରେ ଲାଗୁନି । ଗୋଟିଏ ଗୋଡ଼ରେ ଚାଲିବା ଲାଗି କଷ୍ଟ ହେଉଥିବା ବେଳେ ସୌଭାଗ୍ୟରୁ ରାଜସ୍ଥାନର ଏକ ସ୍ୱେଚ୍ଛାସେବୀ ସଂସ୍ଥାର ଦୟାରୁ କୃତ୍ରିମ କାଠ ଗୋଡ଼ଟିଏ ଲଗାଇ ଚଳପ୍ରଚଳ କରୁଛି । ଗୋଟିଏ ଝିଅ ଓ ଗୋଟିଏ ପୁଅ ସହିତ ପତ୍ନୀକୁ ନେଇ ମଙ୍ଗୁଳିର ସଂସାର । ଅର୍ଥଭାବରୁ ଝିଅ ଦଶମ ପାଶ କରିବା ପରେ ଆଉ ପାଠ ପଢିପାରିଲା ନାହିଁ । ପୁଅ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଛି । ପରିବାର ଚଳାଇବା ଲାଗି ପାଣିକୋଇଲିର ଏକ ସୋ ରୁମରେ ସିକ୍ୟୁରୀଟି ଭାବେ ସ୍ୱଳ୍ପ ଦରମାରେ କାର୍ଯରତ ଥିବା ମଙ୍ଗୁଳି ବହୁ କଷ୍ଟରେ କର୍ମକ୍ଷେତ୍ରକୁ ଯିବା ଆସିବା କରୁଛି । ବହୁ କଷ୍ଟରେ ଏ ଅଫିସରୁ ସେ ଅଁିସ ଚାଲି ଚାଲି ଯାଇ ନିଜର ଭତାଟିଏ କରିଥିବା ବେଳେ କିନ୍ତୁ ରାଜନିତୀର ଛକାପଞ୍ଝାରେ ସରକାରୀ ଆବାସଟିଏ ମିଳିପାରିଲା ନାହିଁ । ଫଳରେ ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ହରାଇ ନିଜର ଭାଗରେ ପଡ଼ିଥିବା ପ୍ରେତୃକ ସମ୍ପତିକୁ ବିକି ଗୋଟିଏ ବଖରା ଘରଟିଏ କରିଛି ସେ ମାତ୍ର ଅର୍ଥାଭାବରୁ ତାହା ମଧ୍ୟ ସଂପୁର୍ଣ ହୋଇପାରି ନାହିଁ । ତିନି ଚକିଆ ଗାଡ଼ିଟିଏ ଲାଗି ବ୍ଲକ ଠାରୁ ପୁର୍ବତନ ବିଧାୟକଙ୍କ ନିକଟକୁ ବହୁବାର ଯାଇଥିଲେ ମଧ୍ୟ ପ୍ରତିଶୃତି ମିଳିଛି କିନ୍ତୁ ପାଳନ କରାଯାଇନାହିଁ । ଯଦି ସରକାରଙ୍କ ତର'ରୁ ମୋତେ ଏକ ତିନି ଚକିଆ ସ୍କୁଟିଟିଏ ପ୍ରଦାନ କରାଯାଆନ୍ତା ମ୍ୟୁ ମାର କର୍ମ ଯେତ୍ରକୁ ଯିବା ଆସିବା କରିବାରେ ଅସୁବିଧା ହୁଅନ୍ତା ନାହିଁ । ତାକୁ ସହାୟତା ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କୁ ମଙ୍ଗୁଳି ନିବେଦନ କରିଛି ।

# ବର୍ଦ୍ଧିତ ଦରମା ପାଇଁ ସ୍ୱଚ୍ଛ ସାଥୀ, ସୁପରଭାଇଜରଙ୍କ ୧୦ ଦଫା ଦାବି

ଭୁବନ, ୨୫/୦୭ (ନି.ପ୍ର): ଓଡ଼ିଶା ସ୍ୱଚ୍ଛ ସାଥୀ ,ସୁପର ଭାଇଜର ସଂଘ ଆହ୍ୱାନ କ୍ରମେ ଭୁବନ ବିଜ୍ଞାପିତ ଅଂଚଳ ପରିଷଦ ରେ ସଫେଇ ଓ ପରିମଳ କାର୍ଯ୍ୟରେ ନିୟୋଜିତ ଥିବା ସ୍ୱଚ୍ଛ ସାଥୀ ଓ ସୁପର ଭାଇଜର ମାନେ ନଗରପାଳ ଓ ନିର୍ବାହୀ ଅଧିକାରୀ ଙ୍କୁ ସେମାନଙ୍କର ବର୍ଦ୍ଧିତ ଦରମା ସହିତ ୧୦ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି । ପୂର୍ବରୁ ସ୍ୱଚ୍ଛ ସାଥୀ ମାନେ ମାସିକ ୪ ହଜାର ଓ ସୁପର ଭାଇଜର ମାନେ ୮ ହଜାର ଟଙ୍କା ଦରମା ପାଉଥିଲେ । ବାରମ୍ବାର ଦାବି ଆପତି ପରେ ନଗର ଉନ୍ନୟନ ବିଭାଗ ସ୍ୱଚ୍ଛ ସାଥୀ ୮ ହଜାର ଓ ସୁପର ଭାଇଜର ଙ୍କ ପାଇଁ ୧୨ ହଜାର ଟଙ୍କା ବର୍ଦ୍ଧିତ ଦରମା ଦେବାକୁ ଗତ ମାର୍ଚ୍ଚ ମାସରେ ଚିଠି ଇସ୍ୟୁ କରିଥିଲା । ଅଦ୍ୟାବଧି ବର୍ଦ୍ଧିତ ଦରମା ମିଳୁ ନଥିବାରୁ ଆଜି ସୁପର ଭାଇଜର ଝରଣା ପୋଥାଳ ,ଲିଳି ସାହୁ ଙ୍କ ସମେତ ସତ୍ୟଭାମା ନାୟକ,ସୁଷମା ସାହୁ,ରୁକ୍ମଣୀ ଦଳେଇ,ପ୍ରଭାତୀ ସାହୁ,ଝୁନି ରାଣୀ ଗୁରୁ ପ୍ରମୁଖ ୧୪ ଜଣ ସ୍ୱଚ୍ଛ ସାଥୀ ମାନେ ସେମାନଙ୍କ ଚାକିରି ନିୟମିତ କରିବା ସହ ନିଯୁକ୍ତି ପତ୍ର ପ୍ରଦାନ,ଶ୍ରମ ଆଇନ ଅନୁଯାୟୀ ସର୍ବନିମ୍ନ ମଜୁରୀ ପ୍ରଦାନ ,ଛୁଟି ଦିବସରେ ସବୈତନିକ ଛୁଟି ପ୍ରଦାନ,ବିମା ଭୁକ୍ତ କରିବା ସହିତ ୟୁନିଫର୍ମ ପ୍ରଦାନ , ପ୍ରସୂତି ସମୟରେ ୬ ମାସ ସବୈତନିକ୍ ଛୁଟି ପ୍ରଦାନ, ଇ ପି ଏଫ୍ ଓ ଇ ଏସ ଆଇ ସୁବିଧା ପ୍ରଦାନ କରାଯିବାକୁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ।

# ମସ୍ତିଷ୍କର ସ୍ୱାସ୍ଥ୍ୟ



ଅନେକଙ୍କ କ୍ଷେତ୍ରରେ ବୟସ ବଢ଼ିବା ସହ ମସ୍ତିଷ୍କର କାର୍ଯ୍ୟ ଦକ୍ଷତା କମେ ଏବଂ ସ୍ମୃତିଶକ୍ତି ହ୍ରାସପାଏ। ତେବେ, ଜଣେ ଚାହିଁଲେ ବେଳ ଥିବା ବେଳ, ଖାଦ୍ୟ ଓ ଜୀବନ ଶୈଳୀରେ ପରିବର୍ତନ ଆଣି, ମସ୍ତିଷ୍କର ସାମର୍ଥ୍ୟକୁ ଅନେକ ଦିନ ପର୍ଯ୍ୟନ୍ତ ଅତୁଟ ରଖିପାରେ। ଖାଦ୍ୟ: ପଚାଶ ପରେ ଅଧିକ ସ୍ନେହସାର ଯୁକ୍ତ ଖାଦ୍ୟ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟକରେ। ଜଟିଳ ଶ୍ୱେତସାର ଜାତୀୟ ଖାଦ୍ୟ ଯଥା ଆଳୁ, ସଂପୂର୍ଣ୍ଣ ଶସ୍ୟ ସହ ଓମେଗା-୩ ଥିବା ମାଛ, ଫଳ-ମୂଳ ଓ ପନିପରିବା ନିୟମିତ ଖାଆନ୍ତୁ।

ସୁରା ଓ ଧୂମପାନ: ଦିନରେ ଦୁଇ ପେଗରୁ ଅଧିକ ସୁରାପାନ କରନ୍ତୁ ନାହିଁ। କୌଣସି ପ୍ରକାରର ଅବୈଧ ନିଶା ଦ୍ରବ୍ୟ ସେବନ କରନ୍ତୁ ନାହିଁ। ଧୂମପାନ ସଂପୂର୍ଣ୍ଣ ପରିତ୍ୟାଗ କରନ୍ତୁ।



ବ୍ୟାୟାମ: ବ୍ୟାୟାମ କରୁନଥିବା ଲୋକଙ୍କ ମସ୍ତିଷ୍କର କାର୍ଯ୍ୟଦକ୍ଷତା ଶୀଘ୍ର ହ୍ରାସପାଏ। ୬୦-୭୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଦୈନିକ ଘଂଟେରୁ ଦେଢ଼ଘଂଟା ଏରୋବିକ ବ୍ୟାୟାମ କରିବା ଉଚିତ। ଯେଉଁମାନେ ପୂର୍ବରୁ କୌଣସି ବ୍ୟାୟାମ କରି ନଥିବେ, ସେମାନେ ଚିକିତ୍ସକଙ୍କ ପରାମର୍ଶ ନେଇ ବ୍ୟାୟାମ ଆରମ୍ଭ କରନ୍ତୁ। ସର୍ବଦା ପ୍ରଶିକ୍ଷକଙ୍କ ଉପସ୍ଥିତିରେ ବ୍ୟାୟାମ କରନ୍ତୁ।

ଔଷଧ: ବୟସ ବିବା ସହ ଔଷଧର ଆବଶ୍ୟକତା ବଢ଼େ। ବୟସ୍କଙ୍କ କ୍ଷେତ୍ରରେ ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଅଧିକ। ଏହା ଜାଣି ନପାରିଲେ ବିପଦ। ତେଣୁ ମନଇଚ୍ଛା ଔଷଧ ଖାଇବା ତଥା ଚିକିତ୍ସକଙ୍କ ପରାମର୍ଶ ନନେଇ ଔଷଧ ବଦଳାଇବା ଅନୁଚିତ।

ଅବସାଦ: ମାନସିକ ଅବସାଦ ମସ୍ତିଷ୍କର ସ୍ୱାସ୍ଥ୍ୟ ନଷ୍ଟ କଲେ ଚିକିତ୍ସା ନକଲେ ଅବସାଦ କ୍ରମଶଃ ବଢ଼ି ଗୁରୁତର ପରିସ୍ଥିତି ସୃଷ୍ଟି କରେ। ତେଣୁ ମନରେ ସ୍ୱାସ୍ଥ୍ୟ ଅତୁଟ ରଖିବାକୁ ଚେଷ୍ଟା କରନ୍ତୁ।

# ଚଷମାବାଲୀଙ୍କ ପାଇଁ ମେକ୍-ଅପ୍ ଟିପ୍ସ



ଅନେକ ଚଷମାକୁ ମହିଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧ ମନେକରନ୍ତି। ତେବେ ଏହି ଧାରଣା ଭ୍ରମାତ୍ମକ। ଚଷମା ପିନ୍ଧୁଥିଲେ ବି ମେକ-ଅପ ନେବାରେ କୌଣସି ସମସ୍ୟା ନାହିଁ। କେବଳ ଠିକ୍ ଭାବେ ମେକଅପ ନେଇପାରିଲେ ହେଲା; ଚମକିବେ। କେତେକ ଟିପ୍ସ:

- ଆଖିରେ ଦଇ ପରସ୍ତ ମସ୍‌କାରା ସହ ଆଇଲେସ୍ ବ୍ୟବହାର କରନ୍ତୁ।

- ନିୟମିତ ବ୍ୟବଧାନରେ ଭ୍ରୁଲତାର ଥ୍ରେଡିଂ କରାନ୍ତୁ। ମୋଟା ଫ୍ରେମ୍‌ବାଲା ବଡ଼ ଚଷମା ପିନ୍ଧୁଥିଲେ, ଭ୍ରୁଲତା ପତଳା ରଖନ୍ତୁ ଏବଂ ବିପରୀତ ପିନ୍ଧୁଥିଲେ ମୋଟା ରଖନ୍ତୁ।

- ଆଖିକୁ ଧୂମ୍ରାଭ (ସ୍ମୋକି ଆଇ) ଦେଖାଇବା ପାଇଁ ଦୁଇ ପରସ୍ତ ଆଇଲାଇନର ସହ ପତାରେ ଅଳ୍ପ ସ୍ମକ୍ ବ୍ୟବହାର କରନ୍ତୁ।

- ଚଷମା ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ। ଏହା ଦ୍ୱାରା ବିଚଳିତ ନହୋଇ କନ୍‌ସିଲର୍ ବ୍ୟବହାର କରନ୍ତୁ।

- କଳା ପେନସିଲ୍ ଲାଇନର୍ ପାଖରେ ରଖନ୍ତୁ।

- ଚଷମାବାଲୀମାନେ ଲିପଷ୍ଟିକ, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁ ନାହିଁ।

# ଡାଲଚିନି ନିୟନ୍ତ୍ରଣ କରେ ମେଦବୃଦ୍ଧି

ଡାଇବେଟିସ ଓ ମେଦବହୁଳ ଲୋକଙ୍କ ପାଇଁ ଏକ ଖୁସି ଖବର। ଡାଲଚିନିର ବ୍ୟବହାର କରି ଡାଇବେଟିସ୍ ଓ ମୋଟାପଣକୁ ନିୟନ୍ତ୍ରଣ କରାଯାଇପାରିବ। ଭାରତୀୟମାନଙ୍କ ଉପରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଲେ ମେଦବୃଦ୍ଧି ନିୟନ୍ତ୍ରଣ କରାଯାଇପାରିବ। ଏହାଦ୍ୱାରା ଅଂଟା ପାଖରେ ଜମିଥିବା ଚର୍ବି କମ ହେବା ସହ କୋଲେଷ୍ଟ୍ରୋଲ ଓ ହାଇ ବ୍ଲଡ଼ପ୍ରେସରକୁ ମଧ୍ୟ ନିୟନ୍ତ୍ରଣରେ ରଖାଯାଇପାରିବ। ରିସର୍ଚ୍ଚ ବେଳେ ଡାଇବେଟିସ୍ ପାଇଁ ଡାଲଚିନି ଏକ ଅମୋଘ ଔଷଧ ବୋଲି ଜଣାପଡ଼ିଛି। ଏମସ ଓ ଦିଲ୍ଲୀ ୟୁନିଭର୍ସିଟି ଫୋର୍ଟିସ ସିଡ଼ିଓସି ହସପିଟାଲ ପକ୍ଷରୁ ମିଳିତ ଭାବେ ହୋଇଥିବା ଏହି ରିସର୍ଚ୍ଚରେ ୧୩୦ଜଣ ରୋଗୀଙ୍କୁ ୧୬



ସପ୍ତାହ ଧରି ଡାଲଚିନି ପାଉଡ଼ର ଦିଆଯାଇଥିଲା। ପ୍ରତ୍ୟେକ ରୋଗୀଙ୍କୁ ଦୈନିକ ୩ଗ୍ରାମ ଡାଲଚିନି ପାଉଡ଼ର ଦିଆଯାଇଥିଲା, ଯେଉଁଥିରେ ସେମାନଙ୍କ ଓଜନ ୩.୮ ପ୍ରତିଶତ କମିଯାଇଥିବା ଦେଖାଯାଇଥିଲା। ସେହିଭଳି ଶରୀରର ଚର୍ବି ୪.୩ ପ୍ରତିଶତ ଓ ଅଣ୍ଟା ଚଉଡ଼ା ୫.୩ ପ୍ରତିଶତ କମିଯାଇଥିଲା। ବ୍ଲଡ଼ପ୍ରେସର ୯.୭ ପ୍ରତିଶତ କମିଥିଲା ଓ ରକ୍ତରେ ଫାଷ୍ଟିଂ ଗ୍ଲୁଗୋଜ୍‌ର ସ୍ତର ୭.୧ ପ୍ରତିଶତ କମିଯାଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଦୈନିକ ୩ ଗ୍ରାମ ଡାଲଚିନି ପାଉଡ଼ର ଖାଇଥିଲେ ମଧ୍ୟ ରୋଗୀଙ୍କର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ହୋଇ ନଥିଲା। ଏହି ରିସର୍ଚ୍ଚ ସମ୍ପର୍କରେ ଅନ୍ତର୍ଜାତୀୟ ପତ୍ରିକା 'ଲିପିଡ୍ ଇନ୍ ହେଲଥ୍ ଡିଜିଜ୍‌ରେ ପ୍ରକାଶ ପାଇଛି।

# ଜାଣନ୍ତୁ, ଗୃହର ଅଗ୍ନିକୋଣରେ କ'ଣ କରିବେ ଓ କ'ଣ ନକରିବେ: ନହେଲେ ମାଡ଼ି ଆସିବ ଏହି ସବୁ ବିପଦ



୧.ଗୃହର ଅଗ୍ନିକୋଣ ୧୩୫ ଡିଗ୍ରୀ ଦକ୍ଷିଣ-ପୂର୍ବକୁ ବୁଝାଇଥାଏ। ଏହି ଅଗ୍ନିକୋଣ ହେଉଛି ଗୃହର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ।

୨.ଗୃହର ଅଗ୍ନିକୋଣରେ ଦ୍ୱାର ରହିଲେ ବ୍ୟବସାୟରେ ଆସିଥାଏ ସମସ୍ୟା।

୩.ଗୃହର ଅଗ୍ନିକୋଣର ରଙ୍ଗ କଳା, ନୀଳ ବା ସବୁଜ ହେଲେ ଗୃହରେ ଆର୍ଥିକ ସଂକଟ ଦେଖାଦେଇଥାଏ।

୪.ଗୃହର ଅଗ୍ନିକୋଣରେ ସିଡ଼ି ଥିଲେ ମାନସିକ ଚାପ ବୃଦ୍ଧି ହୋଇଥାଏ।

୫.ଗୃହର ଅଗ୍ନିକୋଣରେ ପାଇଖାନା ଥିଲେ ଆର୍ଥିକ ସ୍ଥିତି ଖରାପ ହେବା ସହିତ ଅପମାନଜନକ ସ୍ଥିତି ଓ ମାରାତ୍ମକ ରୋଗ ମଧ୍ୟ ଦେଖାଦେଇଥାଏ ।

୬.ଗୃହର ଅଗ୍ନିକୋଣ ନିଚା ହେଲେ କିମ୍ବା ଅଗ୍ନିକୋଣରେ ବେସିନ୍ ଥିଲେ ଏବଂ ବେସିନରୁ ପାଣି ପଡୁଥିଲେ ଆର୍ଥିକ ସ୍ଥିତି ଖରାପ ହୋଇଥାଏ ।

୭.ଗୃହର ଅଗ୍ନିକୋଣ ବୃଦ୍ଧି ହୋଇଥିଲେ ଦୁର୍ଘଟଣା ଘଟିଥାଏ।

୮. ଗୃହର ଅଗ୍ନିକୋଣକୁ ସଦା ସର୍ବଦା ସଫା ରଖିବା ସହିତ ଗୋଲାପି କିମ୍ବା ଲାଲ ରଙ୍ଗ କଲେ ସର୍ବଦା ଶୁଭଫଳ ପ୍ରାପ୍ତ ହେବ ।

୯.ଅଗ୍ନିକୋଣରେ କେବେ ହେଲେ ସିଡ଼ି କିମ୍ବା ପାଇଖାନା ନିର୍ମାଣ କରିବେ ନାହିଁ ।

# ଗର୍ଭଧାରଣରେ ଅକ୍ଷମତା: କାରଣ ଓ ପ୍ରତିକାର



ଗର୍ଭଧାରଣ ବା ପ୍ରଜନନ ଜନିତ ଅକ୍ଷମତା ଆଜିକାଲି ଏକ ବଡ଼ ସମସ୍ୟା। ପରିବର୍ତିତ ଜୀବନଶୈଳୀ, ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥିତି ତଥା କେତେକ ଚିକିତ୍ସାଗତ ସମସ୍ୟା ଏହାର ପ୍ରମୁଖ କାରଣ। ଆବଶ୍ୟକତା ଠାରୁ କମ୍ କିମ୍ବା ଅଧିକ ଓଜନର ମହିଳାଙ୍କ କ୍ଷେତ୍ରରେ



ପ୍ରଜନନ କ୍ଷମତା ସ୍ୱାଭାବିକ ଭାବେ କମ୍। ଭୋକ ଓ ଦୁର୍ବଳତାକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହେଉଥିବା ହରମନ ଏଥିପାଇଁ ଦାୟୀ। ଏହି ହରମନ ଋତୁସ୍ରାବ ପାଇଁ କାର୍ଯ୍ୟକରେ। କମିଗଲେ ପ୍ରଜନନ କ୍ଷମତା ହ୍ରାସପାଏ। ବିଶେଷ କ୍ଷେତ୍ରରେ ପତଳୀମାନେ ଗର୍ଭଧାରଣରେ ଅସୁବିଧା ଭୋଗକରନ୍ତି। ଗର୍ଭରୋଧକ ଟୀକା, ଦୀର୍ଘକାଳ ଧରି ବଟିକା ସେବନ,ଇଞ୍ଜେକସନ ଗ୍ରହଣ ଦ୍ୱାରା ପ୍ରଜନନ କ୍ଷମତା ହ୍ରାସପାଏ। ମେଦ ବହୁଳତା ଦ୍ୱାରା ଆବଶ୍ୟକ ହରମନ ନିର୍ଗତରେ ବାଧା ଉପୁଜେ ଓ ଗର୍ଭଧାରଣ ସମ୍ଭବ ହୁଏନାହିଁ। କମ ବୟସରେ ଅନିୟମିତ ଋତୁସ୍ରାବ ସମସ୍ୟା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏହାଚଡ଼ା ପଞ୍ଚତିରିଶ ବର୍ଷପରେ ସ୍ୱାଭାବିକ ଭାବେ ଡିମ୍ବାଣୁ ସଂଖ୍ୟା କମିଯାଉଥିବାରୁ ପ୍ରଜନନ କ୍ଷମତା ମଧ୍ୟ କମିଯାଏ। ଯୌନାଙ୍ଗ ସଂହକ୍ରମଣ, ପ୍ରମେହ ଆଦି ଯୌନରୋଗ, ଥାଇରଏଡ଼ ସମସ୍ୟା ପ୍ରଜନନ କ୍ଷମତାକୁ କମାଇଦିଏ। ଆଜିକାଲି ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବତୀମାନେ ଡାଏଟିଂ ଜିମ ବ୍ୟାୟାମ ଆଦି ଅଭ୍ୟାସ କରୁଛନ୍ତି। ସିଧାସଳଖ ପ୍ରଶିକ୍ଷକ କିମ୍ବା ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଉ ନାହାନ୍ତି। ଏ ବାବଦରେ ଟେଲିଭିଜନରେ ପ୍ରସାରିତ କାର୍ଯ୍ୟକ୍ରମ ଗୁଡ଼ିକ ଦେଖି ଘରେ ଅଭ୍ୟାସ କରୁଛନ୍ତି। ଶରୀର ପାଇଁ ଏହା କ୍ଷତିକାରକ। ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼େ ଓ ଗର୍ଭାଶୟ ପ୍ରଭାବିତ ହୁଏ। ପତଳୀ ହେବା ପାଇଁ ସପ୍ତାହକୁ ପାଂଚଘଂଟାରୁ ଅଧିକ ସମୟ ବ୍ୟାୟାମ କଲେ ପ୍ରଜନନ କ୍ଷମତା କମିଯାଏ। ମାତୃତ୍ୱ ଲାଭରୁ ବଂଚିତ ହେବାକୁ ପଡ଼େ। ସୁରା ଓ ଧୂମପାନ, ନିଶା ସେବନ ମଧ୍ୟ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ। ଏଥିପ୍ରତି ସତର୍କ ରହିବା ଜରୁରୀ। ସୁସ୍ଥ ଓ ସୁନ୍ଦର ରହିବା ପାଇଁ ଆବଶ୍ୟକ ସୁଷମ ଖାଦ୍ୟ ଖାଆନ୍ତୁ, ଅଧିକ ନୁହେଁ କିମ୍ବା କମ ନୁହେଁ। ଫାଷ୍ଟ ଫୁଡ଼, ଅଧିକ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ପରାମର୍ଶରେ ବ୍ୟାୟାମ କରନ୍ତୁ। ଠିକ ଭାବେ ବିଶ୍ରାମ ନିଅନ୍ତୁ।



ଦୁଷ୍ଚିନ୍ତା ଠାରୁ ନିଜକୁ ଦୂରେଇ ରଖନ୍ତୁ। ସୁନିଦ୍ରା ଓ ଉତମ ଭାବନା ମନରେ ପୋଷଣ କରନ୍ତୁ। ଏହାଦ୍ୱାରା ହରମୋନ ସନ୍ତୁଳିତ ରହେ ଓ ପ୍ରଜନନ କ୍ଷମତା ବଢ଼େ। ମାଆ ବନିବାର ସୌଭାଗ୍ୟ ମିଳେ। ଆବଶ୍ୟକ ସ୍ଥଳେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

# ନିମ୍ନ ରକ୍ତଚାପରେ ଘରୋଇ ଉପଚାର

♦ମୁଣ୍ଡ ବୁଲାଇବା, ହାଲିଆ ଲାଗିବା, ବସିବା ଜାଗାରୁ ହଠାତ୍ ଉଠିପଡ଼ିଲେ ଅନ୍ଧାର ଦିଶିବା ଆଦି ନିମ୍ନ ରକ୍ତଚାପର ଲକ୍ଷଣ।

♦ଜଳ ଶୁଷ୍କତା ନିମ୍ନ ରକ୍ତଚାପର ଏକ କାରଣ। ଏଣୁ ଅଧିକ ଜଳ ପିଅନ୍ତୁ। କ୍ଳାନ୍ତି ଦୂର ହେବ। ଆରାମ ଲାଗିବ।

♦ଖାଦ୍ୟରେ ଲୁଣ ପରିମାଣ ବଢ଼ାନ୍ତୁ। ଜଳରେ ଲୁଣ ଫେଂଟି ପିଅନ୍ତୁ। ରକ୍ତଚାପ ସନ୍ତୁଳନ ରହିବ।

♦ଦୁଇ ତିନି ଚାମଚ ବିଟ ରସ ଦିନକୁ ଦୁଇଥର ଲେଖାଏ ସପ୍ତାହେ ପର୍ଯ୍ୟନ୍ତ ପିଇବା ଦ୍ୱାରା ନିମ୍ନ ରକ୍ତଚାପରୁ ଉପଶମ ମିଳେ।

♦କଫି ସେବନ ଓ ଡାର୍କ ଚକଲେଟ ଖାଇବା ଦ୍ୱାରା ସାମୟିକ ଭାବେ ନିମ୍ନ ରକ୍ତଚାପରୁ ମୁକ୍ତି ମିଳୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ତେବେ, କ୍ରମାଗତ ଏହି ସମସ୍ୟା ଭୋଗୁଥିଲେ ଦିନକୁ ଦୁଇଥର କଫି ସେବନ କଲେ ସୁଫଳ ମିଳେ।

♦ଦଶ, ବାରଟି ତୁଳସୀ ପତ୍ର ରସରେ ଏକ ଚାମଚ ମହୁ ଫେଣ୍ଟି ସକାଳେ ଖାଲିପେଟରେ ପିଅନ୍ତୁ, ନିମ୍ନ ରକ୍ତଚାପ ନିୟନ୍ତ୍ରଣରେ ରହିବ।

# ଘରେ ତିଆରି କରନ୍ତୁ ପନିରର ଏହି ରେସିପି

ଆବଶ୍ୟକ ସାମଗ୍ରୀ: ପନିର, ପିଆଜ, ଟମାଟୋ, ଶିମଳା ଲଙ୍କା, ଅଦା ରସୁଣ ପେଷ୍ଟ, ଜିରା, ପାଣି, ଧନିଆ ପାଉଡର, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, କ୍ରିମ୍, ଧନିଆପତ୍ର, ଗରମ ମସଲା, ତେଲ ଓ ଲୁଣ ସ୍ୱାଦ ଅନୁସାରେ।



ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପିଆଜ, ଟମାଟୋ ଓ ଶିମଳା ଲଙ୍କାକୁ ଲମ୍ବା କରି କାଟିଦିଅନ୍ତୁ। ତା' ପରେ କରେଇରେ ତେଲ ଗରମ କରି ଜିରା ପକାନ୍ତୁ। ଜିରା ଫୁଟିବା ପରେ କଟା ପିଆଜକୁ ସେଥିରେ ପକାନ୍ତୁ। ଏହାପରେ ଏଥିରେ କଟା ହୋଇଥିବା ଟମାଟୋ ଏବଂ ଶିମଳା ଲଙ୍କା ପକାଇ କିଛି ସମୟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଏହାପରେ ଅଦା ରସୁଣ ପେଷ୍ଟ, ଧନିଆ ପାଉଡର, ଲଙ୍କାଗୁଣ୍ଡ, ପନିର ମସଲା, ହଳଦିଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାଇ କଷନ୍ତୁ। ମସଲା କଷି ହେବା ପରେ ଏଥିରେ ଅଳ୍ପ ପାଣି ସହିତ ପନିର ପକାଇ ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଗ୍ୟାସକୁ ବନ୍ଦ କରି କ୍ରିମ ଏବଂ ଗରମ ମସଲା ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ରେଶମି ପନିର । ଏହାକୁ ଗରମ ଗରମ ପରଷନ୍ତୁ।ଏହି ରେସିପିଟି ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

# ଶୁଷ୍କ ହୋଇଯାଉଛି କି ଆପଣଙ୍କ କେଶ ? : ଘରୋଇ ଟିପ୍ସ ଉପରେ ଦିଅନ୍ତୁ ଧ୍ୟାନ

ଅନେକ ଲୋକଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ହେଉଛି ଶୁଷ୍କତା । ତ୍ୱଚାର ଶୁଷ୍କତା ଏବଂ କେଶର ଶୁଷ୍କତା ଦୂର କରିବା ପାଇଁ ଅନେକ ଲୋକ ବିଭିନ୍ନ ପଦ୍ଧତି ଗ୍ରହଣ କରନ୍ତି । ତ୍ୱଚାର ଶୁଷ୍କତାକୁ ମଶ୍ଚରାଇଜିଂ ଦ୍ୱାରା ସହଜରେ ହଟାଯାଇପାରିବ। କିନ୍ତୁ ଯେତେବେଳେ କେଶର ଶୁଷ୍କତାକୁ ହଟାଇବା କଥା ଆସେ କଣ କରାଯିବ ତାହା ବୁଝାପଡେ ନାହିଁ। ଶୀତଦିନେ କେଶର ଶୁଷ୍କତା ଅପସାରଣ କରିବା ମଧ ଆପଣଙ୍କ ପାଇଁ ଏକ ବଡ କାର୍ଯ୍ୟ। ତେବେ ଆପଣ ଏଥିପାଇଁ ସହଜରେ ଘରୋଇ ଉପଚାର ଗ୍ରହଣ କରିପାରିବେ। କେଶ ଶୁଷ୍କତାରୁ ମୁକ୍ତି ପାଇବା ପାଇଁ ଗାଧୋଇବା ପୂର୍ବରୁ ଆପଣଙ୍କୁ କିଛି କାମ କରିବା ଉଚିତ୍। ଏପରି କରିବା ଦ୍ୱାରା ଆପଣ ସହଜରେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ । ଆଲୋଭେରା ଜେଲର ଅନେକ ଲାଭ ଅଛି । ଚର୍ମଠାରୁ ଆରମ୍ଭ କରି କେଶ ପର୍ଯ୍ୟନ୍ତ ସବୁକିଛି ବ୍ୟବହାର କରାଯାଇପାରିବ। ଆପଣ କେଶ ଧୋଇବାର ୩୦ ମିନିଟ୍ ପୂର୍ବରୁ ଆଲୋଭେରା ଜେଲ୍ ଲଗାଇ ପାରିବେ। ଏହା ପରେ ଆପଣ ସାମ୍ପୁ ସାହାଯ୍ୟରେ କେଶ ଧୋଇ ପାରିବେ । ଏହି ଉପାୟରେ ଆପଣଙ୍କ କେଶର ଶୁଷ୍କତା ଦୂର ହୋଇପାରିବ। କେଶର ଶୁଷ୍କତା ଦୂର କରିବା ପାଇଁ, ଆପଣ ନଡିଆ ତେଲ ଲଗାଇ ପାରିବେ । ଏହା କେଶ ମୂଳକୁ ମଶ୍ଚରାଇଜ୍ ରଖିବ। ତେଣୁ ଏହାକୁ ବ୍ୟବହାର କରିବା ପୂର୍ବରୁ ଅଳ୍ପ ଉଷୁମ କରନ୍ତୁ । ତା'ପରେ କେଶରେ ତେଲ ଲଗାନ୍ତୁ । ମନେରଖନ୍ତୁ ଯେ ତେଲ ଥଣ୍ଡା ହେବା ପରେ ହିଁ ବ୍ୟବହାର କରିବେ। ସାମ୍ପୁ କରିବା ପୂର୍ବର ୨ ରୁ ୩ ଘଣ୍ଟା ପୂର୍ବରୁ ତେଲ ଲଗାନ୍ତୁ ଏବଂ ତା'ପରେ କେଶ ଧୋଇ ଦିଅନ୍ତୁ । ଏହିପରି କରିବା ଦ୍ୱାରା ଆପଣଙ୍କ କେଶ ଶୁଷ୍କ ରହିବ ନାହିଁ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୬ ଜୁଲାଇ ୨୦୨୪, ଶୁକ୍ରବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୈରାଶ୍ୟଜନକ...

କେନ୍ଦ୍ରର ମୋଦୀ ସରକାରଙ୍କର ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍‌କୁ ଦୁଇଟି ଦୃଷ୍ଟିରେ ଦେଖି ହେବ, ଅଧା ପାଣିଥିବା କାଚଗ୍ଲାସକୁ ଯେପରି ଦୁଇଟି ବିଚାରରେ ଦେଖାଯାଏ। ସରଳ ଭାଷାରେ କହିଲେ ଏଥରର ବଜେଟ୍ ଲୋକଦେଖାଣିଆ, ରସାଳ ଏବଂ ଆନନ୍ଦଦାୟକ ନୁହେଁ। ତେଣୁ ଅନେକ ନିରାଶ ହେବା ସ୍ୱାଭାବିକ। ଏହା ସତ୍ତ୍ୱେ ବଜେଟରେ ଯେଉଁ ସବୁ ବ୍ୟବସ୍ଥା ହୋଇଛି ଓ ଯେଉଁ ଯେଉଁ କ୍ଷେତ୍ର ତଥା ବର୍ଗଙ୍କୁ ଅଗ୍ରାଧିକାର ଦିଆଯାଇଛି, ତାହାକୁ ଦେଖିଲେ ମନେ ହୁଏ ଏହା ଭବିଷ୍ୟବାଦୀ, ଆତ୍ମନିର୍ଭର ଓ ବିକଶିତ ଭାରତ ଗଠନ ଦିଗରେ ଚାଲିଥିବା ସରକାରୀ କସରତର ଏକ ପରିବର୍ଦ୍ଧିତ ପ୍ରୟାସ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କ୍ରମାଗତ ଭାବେ ମୋଦୀ ସରକାରର ଯେଉଁ ସପ୍ତମ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି, ତାହାକୁ ନିରପେକ୍ଷ ଭାବେ ଦେଖିଲେ ଏଥିରେ ବିଶେଷ କିଛି ନୂତନତ୍ୱ ନାହିଁ। ନିର୍ବାଚନ ପୂର୍ବରୁ ଯେଉଁ କାମଚଳା ବଜେଟ୍ ଉପସ୍ଥାପନ ହୋଇଥିଲା, ଚଳିତ ବଜେଟ୍ ପୂର୍ଣ୍ଣାଙ୍ଗ ହେଲେ ମଧ୍ୟ ତାହାର ସମ୍ପ୍ରସାରଣ ପ୍ରୟାସ ବୋଲି କହିବାରେ ଅସୁବିଧା ନାହିଁ। ଏଥିରେ ପୂର୍ବଭଳି ସେହି କୃଷକ, ଶ୍ରମିକ, ମହିଳା, ଯୁବକ ଓ ଗରିବଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇଥିବା କୁହାଯାଉଛି। ଏହାଛଡ଼ା କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ଭବିଷ୍ୟତର ଶକ୍ତି, କର୍ମନିଯୁକ୍ତି, ଉଦ୍ୟୋଗୀକରଣ, ଭିତ୍ତିଭୂମି ବିକାଶ, ଖାଦ୍ୟ ଆବଶ୍ୟକତା ପୂରଣ, ଜଳବାୟୁ ପରିବର୍ତ୍ତନର ମୁକାବିଲା, ଗ୍ରାମ ଓ ସହରାଞ୍ଚଳର ବିକାଶ ମଧ୍ୟ ବଜେଟ୍‌ରେ ଅଗ୍ରାଧିକାର ପାଇଛି। ନୂଆ ଓ ବିକଶିତ ଭାରତ ଗଠନ ପାଇଁ ଏସବୁ ପ୍ରସଙ୍ଗକୁ ଉପେକ୍ଷା କରିହେବ ନାହିଁ ଏବଂ ସେଥିପାଇଁ ଅର୍ଥ ଖର୍ଚ୍ଚ ଅପରିହାର୍ଯ୍ୟ। ବଜେଟ୍‌ରୁ ଲୋକେ ଏଥର ଅନେକ କିଛି ଆଶା କରୁଥିଲେ। ବିଶେଷକରି ଚାକିରିଆ ଶ୍ରେଣୀ, ଆୟକର ଦାତା ଓ ମଧ୍ୟବିତ୍ତବର୍ଗର ଲୋକେ, ଯେଉଁମାନେ ପ୍ରାୟତଃ ସବୁ ସରକାରୀ କଲ୍ୟାଣକାରୀ ଯୋଜନାରୁ ବଞ୍ଚିତ, ସେମାନଙ୍କୁ ଏଥର ମଧ୍ୟ ମୋଟାମୋଟି ଭାବେ ନିରାଶ ହେବାକୁ ପଡ଼ିଛି। ଦୀର୍ଘବର୍ଷର ବ୍ୟବଧାନ ପରେ ବ୍ୟକ୍ତିଗତ ଆୟକର ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍‌ସନ୍(ଛାଡ଼ ସୀମା)ରେ ୨୫ ହଜାର ଟଙ୍କା ବୃଦ୍ଧି କରାଯାଇ ଏହାର ସର୍ବୋଚ୍ଚ ସୀମା ୭୫ ହଜାର ଟଙ୍କା କରାଯାଇଛି। ସେହିଭଳି ଆୟକର ସ୍ଲାବରେ କର ଛାଡ଼ ସୀମାରେ ୧ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଛି, ଯେଉଁଥିରେ ମଧ୍ୟବିତ୍ତ ବର୍ଗ ସେପରି କିଛି ବଡ଼ ସୁବିଧା ପାଇବେ ନାହିଁ। ଅର୍ଥମନ୍ତ୍ରୀ ଚତୁରତାର ସହ ପରିସଂଖ୍ୟାନ ଓ ଜଳବାୟୁ ପରିବର୍ତ୍ତନର ଦ୍ୱାହି ଦେଇ ମହଙ୍ଗାସ୍ଥିତିକୁ ଏଡ଼ାଇ ଯାଇଛନ୍ତି। ମୁଦ୍ରାସ୍ଫୀତିକୁ ୪ ଶତାଂଶରେ ରଖିବାର ଲକ୍ଷ୍ୟ କଥା ସେ କହିଥିବାବେଳେ ଏବେ ଏହି ହାର ୩.୧ ଶତାଂଶ ଥିବା ଦାବି କରିଛନ୍ତି। ଅର୍ଥମନ୍ତ୍ରୀ ମହୋଦୟା ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତି ଭିତରେ ଥିବା ଫରକ କ'ଣ ନିଜେ ବଜାର ସଉଦା ଯଦି ନିୟମିତ କରୁଥିବେ ବୁଝିପାରୁଥିବେ। ଏପରିକି ମାଗଣା ସରକାରୀ ଚାଉଳ / ଗହମ ପାଉଥିବା ଦେଶର ୯୦ କୋଟି ଲୋକ ତିଅଣ ଶାଗଟିକେ ପାଇଁ ସନ୍ତୁଳି ହେଉଛନ୍ତି ଓ ପାଉଥିବା ଖାଦ୍ୟାନ୍ନ ବିକି ସେ ବାବଦ ବର୍ଦ୍ଧିତ ଖର୍ଚ୍ଚ ମେଣ୍ଟାଉଛନ୍ତି। ସରକାର ଚାଷୀଙ୍କଠାରୁ ଯେଉଁ ଧାନଚାଉଳ କିଣୁଛନ୍ତି, ତାହାକୁ ମହଜୁଦ କରି ରଖିବା ବ୍ୟୟବହୁଳ ଓ ଅପଚୟମୂଳକ ହୋଇଥିବାରୁ ଲୋକଙ୍କୁ ମାଗଣା ବାଣ୍ଟୁଛନ୍ତି। ଏହାଦ୍ୱାରା ଗୋଟେ ଅନୁଗତ ଭୋଟ ବ୍ୟାଙ୍କ ସୃଷ୍ଟିର ଯେଉଁ ରାଜନୈତିକ ମସୁଧା କେନ୍ଦ୍ର ଶାସକ ଦଳର ଥିଲା, ତାହା ଗତ ଲୋକସଭା ନିର୍ବାଚନରେ ବିଫଳ ପ୍ରମାଣିତ ହୋଇଛି। ବଜାର ଦର ନିୟନ୍ତ୍ରଣ କରି ନପାରି ଜଳବାୟୁ ପରିବର୍ତ୍ତନକୁ ଦୋଷ ଦେବା ଠିକ୍ ନୁହେଁ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ୧୦ ବର୍ଷ ତଳୁ ଭାରତରେ ପଡ଼ିଲାଣି। ଏବେ ତା'କୁ ଦାୟୀ କରିବା ନିରର୍ଥକ। ମଧ୍ୟମବର୍ଗଙ୍କ ପ୍ରତି ମୋଦୀ ସରକାର ମୂଳରୁ ନିର୍ଦ୍ଦୟ ଓ କେବଳ କଥାରେ ସମବେଦନଶୀଳ। ସେମାନଙ୍କ ପାଇଁ କୌଣସି ଠୋସ୍ କଲ୍ୟାଣକାରୀ ଯୋଜନା ନାହିଁ। ତେଣୁ ଦେଶ ବିକାଶ ନ୍ୟାୟରେ ସେମାନେ ଆଉ କେତେକାଳ ଏପରି ଶୋଷିତ ଓ ବଞ୍ଚିତ ହୋଇ ରହୁଥିବେ? ପେଟ୍ରୋଲିୟମ ସାମଗ୍ରୀର ଦରବୃଦ୍ଧି ଓ ଏହା ଉପରେ ୫୦ ଭାଗ ଟିକସ (ଉଭୟ କେନ୍ଦ୍ର ଓ ରାଜ୍ୟର) ଲାଗୁ ଫଳରେ ପରିବହନ ଖର୍ଚ୍ଚ ବଢ଼ୁଛି ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ମହଙ୍ଗା ହେଉଛି। ଏହାକୁ ଜିଏସ୍‌ଟିର ଅନ୍ତର୍ଭୁକ୍ତ କରିବାକୁ ଲୋକେ ଆଶା ରଖିଥିଲେ। କିନ୍ତୁ ତାହା ନିରାଶାରେ ପରିଣତ ହୋଇଛି। ଔଷଧ ବଜାର ଅଣାୟତ୍ତ। ଭାରତରେ ମଧ୍ୟବିତ୍ତ ବର୍ଗ ସବୁଠୁ ଉତ୍ପୀଡ଼ିତ। ସବୁ ରାଜ୍ୟଙ୍କୁ ଭିତ୍ତିଭୂମି ବିକାଶ ପାଇଁ ୫୦ ବର୍ଷ ନିମନ୍ତେ ସୁଧମୁକ୍ତ ଅଣଫେରସ୍ତ ଋଣ ଦେବା ଭଲ। ହେଲେ ସେ ଅର୍ଥ ଖର୍ଚ୍ଚ କରିବାକୁ ସମ୍ପୃକ୍ତ ରାଜ୍ୟମାନେ କେତେ ସମର୍ଥ ତାହା ମଧ୍ୟ ବିଚାର୍ଯ୍ୟ। ବଜେଟରେ ବାକ୍‌ଚାତୁରି, ଅଳଙ୍କରଣ, ଦୃଷ୍ଟି ଆକର୍ଷଣକାରୀ ଶବ୍ଦର ବ୍ୟବହାର ଓ ମନୋହାରୀ ରଙ୍ଗୀନ ଯୋଜନାର ଉପସ୍ଥାପନାରେ ଲୋକଙ୍କ ପେଟ ପୂରେ ନାହିଁ। ଯୋଜନାର ବାସ୍ତବ ରୂପାୟନ, ଯଥାର୍ଥତା ଓ ଲୋକଙ୍କ ଆବଶ୍ୟକତା ପୂରଣ ହେଲେ ତାହାର ଉଦ୍ଦେଶ୍ୟ ସାଧନ ହୁଏ। ବଜେଟ୍ ଉପସ୍ଥାପନ ପରେ ପରେ ବିଏସ୍‌ଇ ସେନ୍‌ସେକ୍ସ ୮୦୦ ପଏଣ୍ଟ ଖସିଲା ଏବଂ ଭାରତୀୟ ଟଙ୍କାର ମୂଲ୍ୟ ଡଲାର ତୁଳନାରେ ହ୍ରାସ ପାଇ ୮୩.୬୯ ଟଙ୍କାରେ ପହଞ୍ଚିଛି। ଏଥିରୁ ଚଳିତ ବଜେଟର ବାସ୍ତବତା ପ୍ରମାଣିତ।

# ପଣ୍ଡିତ ଗୋଦାବରୀଶ ମିଶ୍ର



### ବାଦଲ ଭୂୟାଁ



ଓଡ଼ିଶାର ଜଣେ ସୁପରିଚିତ କବି, ଗାଳ୍ପିକ ଓ ନାଟ୍ୟକାର ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ଖୋର୍ଦ୍ଧା ବାଣପୁର ସ୍ଥିତ ଶ୍ରୀନିବାସପୁର ଶାସନରେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ତାଙ୍କର ଜନ୍ମ। ଗାଁ ସ୍କୁଲରୁ ପ୍ରାଥମିକ ଶିକ୍ଷା ଶେଷ କରି ପୁରୀ ଜିଲ୍ଲା ସ୍କୁଲରେ ଗୋଦାବରୀଶ ଉଚ୍ଚଶିକ୍ଷା ଗ୍ରହଣ କଲେ। ଏହାପରେ ରେଭେନ୍ସା କଲେଜ ଏବଂ ୧୯୧୨ରେ କୋଲକାତା ଠାରେ ଅର୍ଥନୀତିରେ ଏମ୍.ଏ. ଡିଗ୍ରୀ ହାସଲ କଲେ। ୧୯୧୩ରୁ ୧୯୧୯ ପର୍ଯ୍ୟନ୍ତ ସତ୍ୟବାଦୀ ବିଦ୍ୟାଳୟରେ ସେ ଶିକ୍ଷକତା କରିଥିଲେ। ଏହାପରେ ସିଂହଭୂମି ଜିଲ୍ଲା ବର୍ତ୍ତମାନର ଝାଡ଼ଖଣ୍ଡରେ ଚକ୍ରଧରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱ ବହନ କରିଥିଲେ। ଓଡ଼ିଆ ଭାଷାର ସଂରକ୍ଷଣ ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିବା ଗୋଦାବରୀଶ ୧୯୨୨ରେ ଗାଁ ମାଟିକୁ ଫେରି ନୂଆ ସ୍କୁଲ ପ୍ରତିଷ୍ଠା କଲେ। କ୍ଷୁଦ୍ରମାନର ଉଦ୍ୟୋଗ, କ୍ଷେତ ଓ ସମାଜ ମଙ୍ଗଳ ସଂସ୍ଥା ଆଦି ପ୍ରତିଷ୍ଠାରେ ତାଙ୍କ ଅବଦାନ ଉଲ୍ଲେଖଯୋଗ୍ୟ। ସମାଜ ଖବରକାଗଜର ସମ୍ପାଦକ ଭାବେ ଦୁଇବର୍ଷ ସେ କାମ କରିଥିଲେ। ଉତ୍କଳ ସମ୍ମିଳନୀ ସହ ମଧ୍ୟ ସେ ସମ୍ପୃକ୍ତ ଥିଲେ। ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ଥିଲେ ଗୋଦାବରୀଶ। ଜଣେ ସମାଜବାଦୀ ଭାବେ ଜାତିଗତ ଭେଦଭାବକୁ ସେ ତୀବ୍ର ବିରୋଧ କରୁଥିଲେ। ସାହିତ୍ୟ କ୍ଷେତ୍ରରେ ଏକାଧିକ ପ୍ରବନ୍ଧ, କାହାଣୀ, ଉପନ୍ୟାସ, ଜୀବନୀ ଓ ଅନୁବାଦ ଆଦିରେ ତାଙ୍କର ବିଶେଷ ଅବଦାନ ରହିଛି। ତାଙ୍କ କବିତାଗୁଡ଼ିକ ସମାଜ ସଚେତନତାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ସେହିପରି ପୁରୁଷୋତ୍ତମ ଦେବ, ମୁକୁନ୍ଦ ଦେବ, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ଆଦି ନାଟକ ସାହିତ୍ୟ ଜଗତକୁ ତାଙ୍କର ମୁଖ୍ୟ ଅବଦାନ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାହିତ୍ୟରେ ଡକ୍ଟର ଉପାଧିରେ ସମ୍ମାନିତ ଗୋଦାବରୀଶ ମହାତ୍ମା ଗାନ୍ଧୀ ଓ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ଓଡ଼ିଶା ବିଧାନସଭାର ସେ ସଦସ୍ୟ ମଧ୍ୟ ଥିଲେ। ପାରଳାଖେମୁଣ୍ଡି ମହାରାଜାଙ୍କ ମନ୍ତ୍ରିମଣ୍ଡଳରେ ଗୋଦାବରୀଶ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ପଦରେ ରହିଥିଲେ। ଏହି ଅବଧିରେ ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ହାଇକୋର୍ଟ ଏବଂ ପୁରୀ ବାଲେଶ୍ୱର ଓ ସମ୍ବଲପୁରରେ ଏକାଧିକ କଲେଜ ପ୍ରତିଷ୍ଠାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଉତ୍କଳ ମାଟି ପାଇଁ ଜୀବନ ଉତ୍ସର୍ଗ କରିଥିବା ଏହି ମହାପୁରୁଷ ୧୯୫୬ ମସିହା ଜୁଲାଇ ୨୬ରେ ବିଦାୟ ନେଇଥିଲେ ଇହଜଗତରୁ।


ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍',
ପୁରୁଣା ସୋନାରି, ଜାମସେଦପୁର,
ମୋ : ୭୪୮୮୯୯୮୫୩୨


# ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର



### ବିଶ୍ୱବିଜୟୀ ଦାଶ

ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ଶିକ୍ଷାବିଦ୍, ନିସ୍ୱାର୍ଥପର ଜନସେବକ, ପ୍ରବୀଣ ରାଜନୀତିଜ୍ଞ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ର ଏକନିଷ୍ଠ ପୂଜାରୀ ଭାବରେ ଏକ ଉତ୍ତୁଙ୍ଗ ଶାସନର ଅଧିକାରୀ। ତାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା ଓ ଗୀତିକବିତା ମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ।କବିପ୍ରାଣର ଅନନ୍ତ ବିସ୍ତୃତି, ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ଓ ଅତୁଳନୀୟ। ସେ ୨୬ ଅକ୍ଟୋବର ୧୮୮୬ ମସିହା ପୁରୀ ଜିଲ୍ଲା ବାଣପୁର ର ଶ୍ରୀନିବାସପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଅପସରା ଦେବୀ। ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରାମ ସ୍କୁଲ ରେ ସମାପ୍ତ ହୋଇଥିଲା, ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ଉଚ୍ଚଶିକ୍ଷା ସମାପ୍ତ ହୋଇଥିଲା। ସେ ୧୯୧୦ରେ ରେଭେନ୍ସା ମହାବିଦ୍ୟାଳୟରୁ ଦାର୍ଶନିକ ବିଭାଗରେ ସ୍ନାତକ ଡ଼ିଗ୍ରୀ ହାସଲ କଲେ। ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟ ରୁ ଅର୍ଥନୀତି ବିଭାଗରେ ସ୍ନାତକୋତ୍ତର। ହାସଲ କଲେ। ୧୯୧୩ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତାକୁ ଆଦରିନେଇ ତ୍ୟାଗ, ସେବା ଓ ସାଧନାର 'ବେଦି' ରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବକୁଳ-ଛୁରିଆନାର ସେହି ରମଣୀୟ ପ୍ରାକୃତିକ ପରିବେଶ ତାଙ୍କୁ ସମ୍ମୋହିତ କରିବା ସାଙ୍ଗକୁ ଅମୃତମୟୀ କବିତା ରଚନା ପାଇଁ ଉଦବୁଦ୍ଧ କରିଥିଲା। 'ଆଲେଖିକା'ର ଗାଥା କବିତାମାନ ପଣ୍ଡିତ ଗୋଦାବରୀଶଙ୍କ ଗଭୀର



ଜାତୀୟତାବୋଧ, ସ୍ୱଦେଶ ପ୍ରୀତି, ଐତିହ୍ୟ-ଅନୁରକ୍ତିର ଜୀବନ୍ତ ଆଲେଖ୍ୟ। ଅନୁଭୂତି-ରସାଣିତ ଆବେଗମୟ ପ୍ରାଣ ପ୍ରାଚୁର୍ଯ୍ୟ ଭରା 'କିଶଳୟ' ଓ 'କଳିକାର' କବିତାବଳୀ ଏକ ଅପୂର୍ବ ଐଶ୍ୱର୍ଯ୍ୟରେ ବିଭବଶାଳୀ। 'ମୁକୁନ୍ଦ ଦେବ' ଓ 'ପୁରୁଷୋତ୍ତମ ଦେବ' ଐତିହାସିକ ନାଟକ ଦ୍ୱୟ ତାଙ୍କ ଉତ୍କଳାନୁରାଗରେ ସୁସ୍ପଷ୍ଟ ନିଦର୍ଶନ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁରସ୍କୃତ ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ 'ଅର୍ଦ୍ଧଶତାବ୍ଦୀରେ ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥନୈତିକ ଜୀବନଧାରାରେ ଏକ ସତ୍ୟନିଷ୍ଠ ବିବରଣୀ। ଏହାବ୍ୟତୀତ ଚୟନିକା, କବିତାୟନ, ଗୀତାୟନ ଓ କବିତାଗ୍ରନ୍ଥ ଆଦି କେତେକ ପାଠ୍ୟପୁସ୍ତକ ଓ ତତସହିତ ବହୁ ଶିଶୁ-କବିତା ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର' ଓ 'ନିବାସିତ' ଉପନ୍ୟାସର ସ୍ରଷ୍ଟା। ତାଙ୍କର ଅଭାଗିନୀ ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ। ଅନ୍ୟ ଉପନ୍ୟାସଗୁଡ଼ିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ପ୍ରକାଶିତ। ତାଙ୍କର ଗାଥା କବିତା ଗୁଡ଼ିକ ହେଲା କାଳିଜାଈ, ଅଭିରାମ ସିଂହ, ଧରଣୀଧର। ୧୯୧୯ ମସିହାରେ ସିଂହଭୂମି ଯାଇ ସେଠାରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର କଳ୍ପେ କେତେକ ଉଚ୍ଚବିଦ୍ୟାଳୟ ସମେତ ବହୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଚକ୍ରଧରପୁର ବିଦ୍ୟାଳୟକୁ ସେ ଏକ ଜାତୀୟ ବିଦ୍ୟାଳୟ ଭାବରେ ପରିଣତ କରି ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବାଣପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ।ସେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରୀ ମଣ୍ଡଳରେ ଶିକ୍ଷାମନ୍ତ୍ରୀ ହୋଇଥିଲେ। ତାଙ୍କରି ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ପଣ୍ଡିତ ଗୋଦାବରୀଶ ମିଶ୍ର ୨୬ ଜୁଲାଇ ୧୯୫୬ ମସିହାରେ ମୃତ୍ୟୁବରଣ କରିଥିଲେ। ଆଜି ତାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ।


ସଂପାଦକ
ବ୍ରଜବିଳାସ ସାହିତ୍ୟ ଇ-ପତ୍ରିକା
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮


# ବାରମ୍ବାର ବଦଳୁଛି ମୁଡ୍...ମରକ୍ୟୁରିଆଲ



### ଡାକ୍ତର ସମ୍ରାଟ କର

ସେଦିନ ବର୍ଷଣମୁଖର ସନ୍ଧ୍ୟା ଭିତରେ ଦେଖାହୋଇଥିବା ବନ୍ଧୁ ରବୀନ୍ଦ୍ରର କଥା ଗୁଡ଼ିକ ମନେପଡ଼ିଗଲା। ସେ ବହୁତ ଚିନ୍ତିତ ଥିଲା ତା ସାନଭାଇ ଶୁଭେନ୍ଦ୍ରର କଥାକୁ ନେଇ। ଦୁଇଜଣଙ୍କ ଭିତରେ ସମ୍ପର୍କ ଖୁବ ମଜାଳିଆ ଆଉ ଭଲ ତେବେ ଏ ସବୁ ଭିତରେ ସେ କିନ୍ତୁ ବେଶ ଉଦାସୀନ ଥିଲା ସାନଭାଇର ଆଚରଣ ଓ ସମୟେ ସମୟେ ନୀରବତାକୁ ନେଇ। ମୁଁ ସେଦିନ ପାର୍କରେ ରବୀନ୍ଦ୍ର ସହ ସମୟ କାଟିବା ବେଳେ ତାକୁ ସବିଶେଷ ବୁଝାଇ କହିଲି ଯେ ଜୀବନକାଳ ମଧ୍ୟରେ ଆମେ କେବେ ନା କେବେ ଏପରି ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛେ ଯାହାଙ୍କ ସହିତ କଥା କହିବା ପୂର୍ବରୁ ସେମାନଙ୍କ ମୁଡ୍ ସମ୍ବନ୍ଧରେ ଭାବିବାକୁ ହୁଏ। ଏଭଳି ଲୋକମାନେ କେବେ କେବେ ଅତି ପ୍ରସନ୍ନ ଆଉ କେବେ କ୍ଷଣକୋପୀ ହୋଇଥାଆନ୍ତି। 'ଗଜନୀ' ସିନେମାରେ ଅମିର ଖାନଙ୍କ ସ୍ମୃତିଶକ୍ତି ପରି ଏମାନଙ୍କ ମୁଡ୍ କେତେବେଳେ ପରିବର୍ତ୍ତନ ହୁଏ ତାହାର ନିଶ୍ଚିତତା ନଥାଏ। ଏହିଭଳି ବାରମ୍ବାର ମୁଡ୍ ପରିବର୍ତ୍ତନ ହେବାର ପ୍ରବୃତ୍ତିକୁ ଇଂରାଜୀରେ ମରକ୍ୟୁରିଆଲ କୁହାଯାଏ। ମରକ୍ୟୁରିଆଲ ମନସ୍ତତ୍ତ୍ୱ ସମ୍ବନ୍ଧୀୟ ଏକ ଶବ୍ଦ, ଯାହା ଏପରି ବ୍ୟକ୍ତିଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇଥାଏ ଯାହାଙ୍କର ମୁଡ୍ ଏବଂ ବ୍ୟବହାର ଶୀଘ୍ର ପରିବର୍ତ୍ତନଶୀଳ, ଅପ୍ରତ୍ୟାଶିତ। ଏହି ବ୍ୟକ୍ତିମାନେ ସାଧାରଣତଃ ଅତି ଚତୁର ଏବଂ ଚଞ୍ଚଳ ସ୍ୱଭାବର ହୋଇଥାନ୍ତି। ରୋମାନ ଭାଷାରେ ମରକ୍ୟୁରି (ବୁଧଗ୍ରହ) ବାଣିଜ୍ୟର ଦେବତା ଓ ଦେବତାମାନଙ୍କର ଦୂତ ହୋଇଥାନ୍ତି। ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ବ୍ୟକ୍ତିମାନଙ୍କ ଉପରେ ବୁଧଙ୍କ ପ୍ରଭାବ ରହିଥାଏ। ତେଣୁ ଏମାନେ ଚଞ୍ଚଳ ସ୍ୱଭାବର ହୋଇଥାନ୍ତି। ୧୧୫୦-୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଶବ୍ଦଟିର ପ୍ରଥମ ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଶବ୍ଦଟିକୁ ଅଚାନକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ କ୍ଷେତ୍ରରେ ବ୍ୟବହାର କରାଗଲା। ଏହା କୌଣସି ମାନସିକ ବିକୃତି ନୁହଁ। ମାତ୍ର ଶରୀରରେ କିଛି ହରମୋନଜନିତ ଅସାମଞ୍ଜସ୍ୟତା ହେତୁ ଏପରି ହୋଇଥାଏ। ଇଷ୍ଟ୍ରୋଜେନ, ପ୍ରୋଜେଷ୍ଟେରନ୍, ଥାଇରଏଡ୍, କର୍ଟିସୋଲ ପରି ହରମୋନ ଏହି ମରକ୍ୟୁରିଆଲ ପ୍ରବୃତ୍ତିକୁ ନିୟନ୍ତ୍ରଣ କରିଥାନ୍ତି।

କେହି କେହି ଏହାକୁ ବାଇପୋଲାର ଡିଜଅର୍ଡ଼ର ସହ ତୁଳନା କରିଥାଆନ୍ତି। ଏହାର ଅଳ୍ପ କିଛି ଲକ୍ଷଣ ବାଇପୋଲାର ଡିଜଅର୍ଡ଼ର ସହ ସମାନ ହୋଇଥିଲେ ବି ଏହା ବାଇପୋଲାର ଡିଜଅର୍ଡ଼ର ଠାରୁ ସଂପୂର୍ଣ୍ଣ ଭିନ୍ନ। ଏପରି ବ୍ୟକ୍ତିମାନଙ୍କ ମଧ୍ୟରୁ ଅନେକ ଖିଆଲି ପ୍ରକୃତିର ହୋଇଥାନ୍ତି। ଉଭୟ ପୁରୁଷ ଓ ମହିଳାଙ୍କ ଠାରେ ଏଭଳି ବ୍ୟବହାରିକ ପରିବର୍ତ୍ତନ ଦେଖିବାକୁ ମିଳିଥାଏ। ତେବେ ମହିଳାମାନଙ୍କ କ୍ଷେତ୍ରରେ ଏଭଳି ମନସ୍ତାତ୍ତ୍ୱିକ ପରିବର୍ତ୍ତନର ହାର ଅଧିକ ହୋଇଥାଏ। ମହିଳାଙ୍କ ମଧ୍ୟରେ ମାସିକ ଋତୁସ୍ରାବ ସମୟରେ ତଥା ଗର୍ଭାବସ୍ଥାରେ ଏହି ମରକ୍ୟୁରିଆଲ ପ୍ରକୃତି ଦେଖିବାକୁ ମିଳିଥାଏ। ଏଥିପାଇଁ ଜୀବନଶୈଳୀ ପ୍ରଭାବିତ ହେଉଥିଲେ ମନସ୍ତତ୍ତ୍ୱବିଦ୍‌ଙ୍କର ସାହାଯ୍ୟ ନିଆଯାଇପାରିବ। ସାମାଜିକ ଜୀବନରେ ଏହା ସେତେବଡ଼ ଏକ ସମସ୍ୟା ନୁହେଁ। କିନ୍ତୁ ଲୋକଟିର ବ୍ୟବହାରଗତ, ଆଚରଣ ସହ ଖାପଖୁଆଇ ସମୟ ବିତାଇବା ଦାୟିତ୍ୱ ପରିବାରର ସମସ୍ତଙ୍କର। ମୁଁ ପୂର୍ବରୁ ଉଲ୍ଲେଖ କରିଛି ଏହା କୌଣସି ପ୍ରକାର ମାନସିକ ରୋଗ ବା ବିକୃତି ନୁହେଁ ଏହା କେବଳ ଶାରୀରିକ ହରମୋନ ସମସ୍ୟାର କାରଣକୁ ନେଇ। ତେବେ ଏ କ୍ଷେତ୍ରରେ ପରିବାରର, ବନ୍ଧୁବର୍ଗ ଓ ଯଦି ସେ

> ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହି ବ୍ୟକ୍ତିମାନଙ୍କ ଉପରେ ବୁଧଙ୍କ ପ୍ରଭାବ ରହିଥାଏ। ତେଣୁ ଏମାନେ ଚଞ୍ଚଳ ସ୍ୱଭାବର ହୋଇଥାନ୍ତି। ୧୧୫୦-୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ଶବ୍ଦଟିର ପ୍ରଥମ ବ୍ୟବହାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଶବ୍ଦଟିକୁ ଅଚାନକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ କ୍ଷେତ୍ରରେ ବ୍ୟବହାର କରାଗଲା। ଏହା କୌଣସି ମାନସିକ ବିକୃତି ନୁହଁ। ମାତ୍ର ଶରୀରରେ କିଛି ହରମୋନଜନିତ ଅସାମଞ୍ଜସ୍ୟତା ହେତୁ ଏପରି ହୋଇଥାଏ।

କୌଣସି କର୍ମ ସଂସ୍ଥାନରେ କାର୍ଯ୍ୟରତ ସେଠାକାର ସମସ୍ତଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି ଯେହେତୁ ମାନସିକ ଭାବେ ଏହି ବର୍ଗର ଲୋକମାନଙ୍କର ମୁଡ୍, ଅନ୍ଦାଜ ବା ଇଚ୍ଛା ଯେକୌଣସି ମୁହୂର୍ତ୍ତରେ ବଦଳିବାର ସମ୍ଭାବନା ଥାଏ। ତେଣୁ ପରିପାର୍ଶ୍ୱିକ ପରିସ୍ଥିତିକୁ ଦେଖି ସେ ଲୋକଟି ସହ ସମୟ ଅତିବାହିତ କରନ୍ତୁ। ତାଙ୍କୁ କୌଣସି କଥା ବା କାର୍ଯ୍ୟକୁ ନେଇ ଉତ୍ତେଜିତ, ବିଚଳିତ ବା ଏପରିକି ସେ ଯେପରି ବିରକ୍ତ ନ ହୁଅନ୍ତି ସେ ଦିଗଟିକୁ ଦେଖନ୍ତୁ। ଏହି ବର୍ଗର ଲୋକମାନଙ୍କର ନିଶାଜନିତ ସମସ୍ୟା ଥିଲେ ଏଥିରୁ ସେମାନେ ଯେପରି ନିବୃତ୍ତ ରହିବେ ସେ ଦିଗଟିକୁ ଭଲ ଭାବେ ଦେଖନ୍ତୁ। ସେହିପରି ସେମାନେ ଯେପରି ଭଲ ରୁଟିନ ବନ୍ଧା ଜୀବନଟି ଅତିବାହିତ କରନ୍ତି ତା ପାଇଁ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି। ସୁଷମ ଖାଦ୍ୟ, ନିର୍ଦ୍ଧାରିତ ସମୟରେ ଶୋଇବା, ଖାଇବା ଓ ନିଜ କାର୍ଯ୍ୟକଳାପରେ ସେ ଯେପରି ଜଡ଼ିତ ରୁହନ୍ତି ଏ ଦାୟିତ୍ୱ ପରିବାରର ସମସ୍ତଙ୍କର। ତେବେ ଭାରସାମ୍ୟ ଜନିତ କୌଣସି ଅସୁବିଧା ବା ଅସହଜକୁ ସାମ୍ନାକଲେ ଆପଣ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି।


ମାନସିକରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼,
କଟକ, ମୋ: ୯୧୩୨୪୩୩୩୩୩





## ଫାଟ

### ଡ. ଅନିଲ୍ ନନ୍ଦ

ବରଂ ମାଟିର ବନ୍ଧୁରତା
ଥିଲା ଠିକ୍ ।

ଅସରାଏ ବର୍ଷାରେ
ପୂରି ଉଠୁଥିଲା ଅନେକ ଗର୍ତ୍ତ
ନିମ୍ନକୁ ଖସି ପଡୁଥିଲା
ପ୍ରଭୁପଣର ପାହାଡ,
ଗଦାଏ ମାଟିର ଅହଙ୍କାର।

ମାଟିର ଛାତିରେ
ବୁଦା ମଡ଼େଇ କଅଁଳୁଥିଲା ଘାସ
ଫୁଟୁଥିଲା ଫୁଲମୟ ହସ
ମାଟିର ମମତା ବୁଝୁଥିଲା ଦିନେ
ଭୋକିଲା ପେଟର ଦହନ।

ଏବେ ପିଚୁ ଆଉ କଂକ୍ରିଟରେ
ଛାଇ ଦେଇ ପଥକୁ ଆମର
ସିମେଣ୍ଟ ଯୋଡେଇ ଦେଇ
ଚିକଚିକ୍ କଲା ପରେ କାନ୍ଥ
ଅଦୃଶ୍ୟରେ ଯେତେସବୁ ବନ୍ୟା
ନୀରବରେ ଭୟଙ୍କର ଭୂମିକମ୍ପ
ଅହରହ ବାତ୍ୟାଙ୍କ ତାଣ୍ଡବ।

ଫାଟ ଆଉ ଛିଦ୍ରରେ
ପରିପୂର୍ଣ୍ଣ ଆମ ବାସସ୍ଥାନ
ନିୟତ ପରିଭ୍ରମଣ ।


+ କିଟ୍, କ୍ୟାମ୍ପସ-୯
ମୋ -୯୯୩୭୮୪୩୩୬୮


## ସବୁଥର ପରି

### କୀର୍ତ୍ତନ ସାହୁ

ସବୁ ଥର ପରି
ଏଥର ବି ରହିଗଲା
ସେ ଭାବ ସେ ଶବ୍ଦ
ଅଦେଖାରେ ସବୁତ ମନକୁ
ବାନ୍ଧି ରଖେ
ହୃଦୟକୁ ଛୁଇଁ ଯାଏ
ଶବ୍ଦର କୋଣାର୍କ ଗଢି ହେଇଯାଏ
ଭାବର ମନ୍ଦାକିନୀ ବହିଯାଏ
ସୂର୍ଯ୍ୟର ପ୍ରଖରତାରେ
ଆମେ ଜଳି ଯାଉଛେ
ଚନ୍ଦ୍ରର କୋମଳ ଜ୍ୟୋସ୍ନାରେ
ଆମେ ଭିଜି ପାରୁନା
ଈର୍ଷାର ଜାଲରେ
ଛନ୍ଦି ହେଇଥିବା ମଣିଷ ମାନେ
ଏବେ ବେଶ୍ ତତ୍ପର

ନଖରେ ନଖ ଘଷି
ଖୁସିର ପିରାମିଡ୍ ଗଢ଼ିବାକୁ
ବର୍ଷା ହେବ
କଳାହାଣ୍ଡିଆ ମେଘ ଅପସରି ଯିବ
ଆକାଶ ସଫେଦ ହେଇ ଯିବ
ପଡ଼ିଆରେ ଘାସ କଅଁଳିବ ।


+ମିଶ୍ର କଲୋନୀ
ଶାଳ ପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ପୋଛାପୋଛି କାର୍ଯ୍ୟ ଦିଅ ଠାକୁର

### ଅଜିତ କୁମାର ରାଉତ

ପୋଛାପୋଛି, କାର୍ଯ୍ୟ, ଦେବୁରେ,
କାଳିଆ,
ପୋଛୁ, ଥିବି, ଶ୍ରୀମନ୍ଦିର !
ପୋଛି, ପୋଛି, ମୁହିଁ, ତୋତେ,
ଦେଖୁ, ଥିବି,
ପରମବ୍ରହ୍ମ, ଈଶ୍ୱର !
ଦାରୁବ୍ରହ୍ମ, ନିରାକର,
ସଫାଇ, କର୍ମୀରେ, ନିଯୁକ୍ତି, କରହେ
ଇଚ୍ଛା, ହୁଏ, ନିରନ୍ତର !!
ପୁରୀ, ଧାମ, ମୋର,
ବୈକୁଣ୍ଠର,ପୁର,
ସର୍ଗଦ୍ୱାର,ସୁଶୋଭିତ,
ଲିପାପୋଛା,କରି,ଯାଉ,ମୋ
ଜୀବନ,
ଶୁଣ, ଅନାଦି, ଅନନ୍ତ !
ହୃଦେ,ଗୁଞ୍ଜୁ,କୃଷ୍ଣ,ରାମ,
ମନବାଞ୍ଛା,ପୂର୍ଣ୍ଣ,କରହେ, ଠାକୁର,
ପୋଛାପୋଛି,ଦିଅ,କାମ !!
ଲେଖିବି,କବିତା,ବିଶ୍ରାମ,କାଳରେ
କବିତା, ତୋର, ଭକ୍ତିର,
ରାଗ,ଛନ୍ଦେ,ତାକୁ,ସଜେଇ,ଦେବି
ମୁଁ
ଭକ୍ତି,ପ୍ରେମ,ଶବ୍ଦ,ଗାର,
ଦିଅହେ, ନିଯୁକ୍ତି, ପତ୍ର,
କୃପାସିନ୍ଧୁ, ତୁମେ,କୃପା,କରି,ଦିଅ,
ସ୍ଥାନ,ଦିଅହେ,ଶ୍ରୀକ୍ଷେତ୍ର !!
କାହ୍ନୁ, କୃଷ୍ଣ,ତୁମେ, ପରମେଶ୍ୱରହେ
ରାଧାକୃଷ୍ଣ,ଦିବ୍ୟ,ଜ୍ୟୋତି,
ମର୍ଯ୍ୟାଦା, ପୁରୁଷ, ତୁମେ, ରାମଚନ୍ଦ୍ର,
ଗୁଞ୍ଜୁଛି,ର୍ଦ୍ଧ୍ୟରେ, କୀର୍ତ୍ତି !
ଗୁହାରି, ଶୁଣ, ମୋହରି,
ଦେଖୁ, ଥିବି, ମୁହିଁ,
ନୀଳଚକ୍ର, ବାନା,
ଭଜୁ, ଥିବି, ହରି, ହରି !!
ମାଗୁ, ନାହିଁ, ଧନ, ସମ୍ପତ୍ତି, ବୈଭବ,
ଦିଅ, ପୋଛାପୋଛି, କାମ,
ରହି, କର୍ମପଥେ, ସେବା, କରୁ,ଥିବି,
କର, ପୂର୍ଣ୍ଣ , ମନସ୍କାମ !
ସୃଷ୍ଟିକର୍ତ୍ତା, ଜଗନ୍ନାଥ,
ମନୁଷ୍ୟ, ଜୀବନ, କରହେ, ସାର୍ଥକ,
ପୂର୍ଣ୍ଣ , କର, ମନୋରଥ !!


+ସଭାପତି ଉତ୍କଳ ସମ୍ମିଳନୀ
ଷଢେଇକଳା ଖରସୁଆଁ ଜିଲ୍ଲାର
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ



# ଗୋଡ଼-ହାତ ଅଚଳ ହୋଇଯାଇଥିଲା: ଡିସଚାର୍ଜ ପରେ ସମସ୍ୟା ବିଷୟରେ କହିଲେ ଜାହ୍ନବୀ

ଗତ ସପ୍ତାହରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର। ଦକ୍ଷିଣ ମୁମ୍ବାଇର ଏଚଏନ ରିଲାଏନ୍ସ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ବାହାର ଖାଦ୍ୟ ଖାଇବାରୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିବା କୁହାଯାଉଥିଲା। ୩ଦିନ ଡାକ୍ତରଖାନାରେ ରହିବା ପରେ ଏବେ ଘରକୁ ଫେରିଛନ୍ତି ଜାହ୍ନବୀ। ଘରକୁ ଫେରିବା ପରେ ତାଙ୍କ ସହ କ'ଣ ହୋଇଥିଲା, ସେ ବିଷୟରେ ଏକ ସାକ୍ଷାତକାରରେ ଜଣାଇଛନ୍ତି ଅଭିନେତ୍ରୀ। ସେ କହିଛନ୍ତି ଯେ, "ଫିଲ୍ମ 'ମିଷ୍ଟର ଆଣ୍ଡ ମିସେସ୍ ମାହି'ର ପ୍ରମୋସନ ସମୟରେ ମୋତେ ବିରତି ମିଳିନଥିଲା। ମୁଁ ବିଭିନ୍ନ ସ୍ଥାନକୁ ଭ୍ରମଣ କରିବା ସହ ତିନୋଟି ଗୀତ ସୁଟ୍ କରିଥିଲି। ବର୍ତ୍ତମାନ ମୁଁ ମୋର ଚତୁର୍ଥ ଗୀତ ପାଇଁ ଅଭ୍ୟାସ କରୁଛି। ଗୋଟାଏ ମାସ ମଧ୍ୟରେ ମୁଁ ଏତେ କାମ କରିଥିବା ବେଳେ ବିଶ୍ରାମ ପାଇଁ ସମୟ ମିଳିନଥିଲା। ଏଥିପାଇଁ ହଠାତ୍ ମୋ ଦେହ ଖରାପ ହୋଇଯାଇଥିଲା। ମୁଁ ନିଜେ ଚାଲି ଚାଲି ଶୌଚାଳୟ ବି ଯାଇପାରୁନଥିଲି। ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ମୋର 'ଲିଭର ଏନଜାଇମ' ଓ 'ଲିଭର ପ୍ରୋଫାଇଲ' ବହୁତ ଖରାପ ଥିବା ଜଣାପଡ଼ିଥିଲା। ମୋତେ ବିଶ୍ରାମର ଆବଶ୍ୟକ ଥିବା ଡାକ୍ତର କହିଥିଲେ, ଯାହା ୩ଦିନ ଡାକ୍ତରଖାନାରେ ଥିବା ବେଳେ ମୋତେ ମିଳିଗଲା।"

# ଶାହାରୁଖ ଖାନଙ୍କୁ ଗୋଲ୍ଡ କଏନ ସହ ସମ୍ମାନିତ କଲା ପ୍ୟାରିସ ମ୍ୟୁଜିୟମ୍



ବଲିଉଡ ବାଦଶାହ ଶାହାରୁଖ ଖାନଙ୍କୁ ମିଳିଛି ଆଉ ଏକ ବଡ଼ ଉପଲବ୍ଧି। ପୂର୍ବରୁ କୌଣସି କଳାକାର ହାସଲ କରିନଥିବା ସମ୍ମାନର ହକଦାର ହୋଇଛନ୍ତି ଶାହରୁଖ ଖାନ। ରିପୋର୍ଟ ଅନୁସାରେ ଫ୍ରାନ୍ସ ରାଜଧାନୀ ପ୍ୟାରିସର ଗ୍ରେଭିନ ମ୍ୟୁଜିୟମ୍ ଶାହରୁଖ ଖାନଙ୍କୁ ସମ୍ମାନିତ କରିଛି, ତାହା ପୁଣି ଗୋଲ୍ଡ କଏନ ସହ। ଏହି ମ୍ୟୁଜିୟମ ଶାହାରୁଖ ଖାନଙ୍କ ଉଦ୍ଦେଶ୍ୟରେ ଏକ ଗୋଲ୍ଡ କଏନ ଜାରି କରିଛି, ଯେଉଁଥିରେ ତାଙ୍କ ନାମ ସହ ଏକ ଫଟୋ ମଧ୍ୟ ରହିଛି। ଏପରି ସମ୍ମାନର ହକଦାର ହେବାରେ ଶାହାରୁଖ ଖାନ





ହେଉଛନ୍ତି ପ୍ରଥମ ଅଭିନେତା। ୨୦୨୩ରେ ତିନୋଟି ବ୍ୟାକ୍ ଟୁ ବ୍ୟାକ୍ ହିଟ୍ ଫିଲ୍ମ ଭେଟି ଦେଇଥିଲେ କିଙ୍ଗ୍ ଖାନ। ତାଙ୍କ ଅଭିନିତ 'ପଠାନ୍', 'ଯବାନ' ଏବଂ 'ଡଙ୍କି' ବକ୍ସ ଅଫିସରେ ଧୁମ୍ ମଚାଇଥିଲା। ଚଳିତ ବର୍ଷ ତାଙ୍କର କୌଣସି ସିନେମା ପରଦାକୁ ଆସିନଥିଲେ ମଧ୍ୟ ବର୍ତ୍ତମାନ ସେ 'କିଙ୍ଗ' ସିନେମା ପାଇଁ ସୁହାନାଙ୍କ ସହ କାମ କରୁଥିବା କୁହାଯାଉଛି। ୨୦୨୫ରେ 'କିଙ୍ଗ' ପରଦାକୁ ଆସିପାରେ। 'କିଙ୍ଗ' ଜରିଆରେ ଶାହାରୁଖ ଖାନଙ୍କ ଝିଅ ସୁହାନା ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସେ ଏହା ପୂର୍ବରୁ ନେଟଫ୍ଲିକ୍ସ ଚଳଚ୍ଚିତ୍ର 'ଦି ଆର୍କିଜ୍'ରେ ଡେବ୍ୟୁ କରିଥିଲେ।

# କାମ କରିବା ପରେ ବି କିଛି ପ୍ରଯୋଜକ ଦେଉନାହାନ୍ତି ପାରିଶ୍ରମିକ: ଅକ୍ଷୟ କୁମାର



ଆଜିକାଲି ବଲିଉଡ ଅଭିନେତା ଅକ୍ଷୟ କୁମାରଙ୍କ ବୃତ୍ତିଗତ ଜୀବନ ଭଲରେ ଚାଲିନାହିଁ। ତାଙ୍କର ଚଳଚ୍ଚିତ୍ରଗୁଡ଼ିକ ଲଗାତାର ଫ୍ଲପ୍ ହେବାରେ ଲାଗିଛି। ୨୦୨୨ପରଠାରୁ, ତାଙ୍କର କେବଳ ଗୋଟିଏ ଚଳଚ୍ଚିତ୍ର ହିଟ୍ ହୋଇଛି, ତାହା ହେଉଛି ଓଏମଜି-୨। ଏବେ ତାଙ୍କର ଫିଲ୍ମ ସରଫିରା ପ୍ରେକ୍ଷାଳୟରେ ଥିଲେ ବି ଫିଲ୍ମକୁ ଦର୍ଶକଙ୍କ ଭଲପାଇବା ମିଳିପାରୁନାହିଁ। ଏମଧ୍ୟରେ ଅଭିନେତା ଏକ ବଡ଼ ଅଭିଯୋଗ କରିଛନ୍ତି। କାମ କରିବା ପରେ ବି କିଛି ପ୍ରଯୋଜକ ତାଙ୍କୁ ପାରିଶ୍ରମିକ ଦେଇନଥିବା କହିଛନ୍ତି ଅକ୍ଷୟ। ଏକ ସାକ୍ଷାତକାରରେ ଅକ୍ଷୟଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ଆପଣଙ୍କୁ ବ୍ୟବସାୟରେ କେବେ କେହି ଠକିଛନ୍ତି କି ? ଉତ୍ତରରେ କାହାର ନାମ ନ ନେଇ ଅକ୍ଷୟ କହିଥିଲେ ଯେ, "ଏହା ଏକ ସାଧାରଣ କଥା। ମୁଁ ଏହା ବିଷୟରେ ମଧ୍ୟ ଆଲୋଚନା କରେ ନାହିଁ। ମୁଁ ଚୁପ୍ ହୋଇଯାଏ ଏବଂ ଚୁପଚାପ ସେଠାରୁ ବାହାରିଯାଏ। କାମ କରିବା ପରେ କିଛି ପ୍ରଯୋଜନ ଟଙ୍କା ଦିଅନ୍ତି ନାହିଁ। ଏହା ଠକାମୀ। କିନ୍ତୁ ମୁଁ ସେମାନଙ୍କୁ କିଛି ନକହି ସେମାନଙ୍କଠାରୁ ଦୂରେଇ ଯାଏ।" ତାଙ୍କର ଏହି ବୟାନ ଏବେ ଭାଇରାଲ ହେବାରେ ଲାଗିଛି।

# ସଲ୍‌ମାନ ଭୟଭୀତ ହେବା ଉଚିତ ବୋଲି 'ସୁଟର'କୁ କହିଥିଲେ ଲରେନ୍ସଙ୍କ ଭାଇ ଅନ୍‌ମୋଲ୍



ଏପ୍ରିଲ ୧୪ ତାରିଖରେ ଅଭିନେତା ସଲମାନ୍ ଖାନ୍‌ଙ୍କ ମୁମ୍ବାଇ ଘରେ ଏକାଧିକ ଗୁଳି ଚଳାଇଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଭାଇ ଭାଇ ଅନମୋଲ୍ ଗୁଳି ଚଳାଇଥିବା ସୁଟରଙ୍କୁ କହିକି ପଠାଇଥିଲେ କି ସଲ୍‌ମାନ ଭୟଭୀତ ହେବା ଦରକାର। ଏକ ସ୍ୱତନ୍ତ୍ର କୋର୍ଟରେ ଦାଖଲ ହୋଇଥିବା ୧,୭୩୫ ପୃଷ୍ଠାର ଚାର୍ଜସିଟରେ କ୍ରାଇମ ବ୍ରାଞ୍ଚ ଗୁଳିଚାଳନା ପୂର୍ବରୁ ସୁଟର ଏବଂ ଅନମୋଲଙ୍କ ମଧ୍ୟରେ କଥାବାର୍ତ୍ତାର ଅଡିଓ କ୍ଲିପ ବିଷୟରେ ଉଲ୍ଲେଖ କରିଛି। ତେବେ ନିଜକୁ ନିର୍ଭୀକ ବୋଲି ଦେଖାଇବା ପାଇଁ ହେଲ୍‌ମେଟ୍ ନପିନ୍ଧିବା ସହ ସିଗାରେଟ୍ ଟାଣିବା ପାଇଁ ଅନମୋଲ୍ ତାଙ୍କୁ କହୁଥିବାର ସୂଚନା ରହିଛି। ଚାର୍ଜସିଟରେ ସଲମାନ ଖାନଙ୍କ ବିବୃତି ମଧ୍ୟ ଉଲ୍ଲେଖ କରାଯାଇଛି। ଯେଉଁଥିରେ ସେ କହିଛନ୍ତି ଯେ ତାଙ୍କ ପରିବାର ଅନମୋଲଙ୍କ ଦ୍ୱାରା ଆକ୍ରମଣ ହେବାର ବିପଦ ରହିଛି। ସିଗନାଲ ଆପ୍ ଉପରେ ସେମାନଙ୍କ ବାର୍ତ୍ତାଳାପରେ ଅନମୋଲ ଅଭିନେତାଙ୍କ ଘରକୁ ଟାର୍ଗେଟ କରି ଏକାଧିକ ଗୁଳି ଚଳାଇବାକୁ ସୁଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଚାର୍ଜସିଟରେ କୁହାଯାଇଛି। ପୁଲିସ ଏହା ମଧ୍ୟ କହିଛି ଯେ ବର୍ତ୍ତମାନ ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ଗୁଳି ଚଳାଇଥିବା ବ୍ୟକ୍ତିଙ୍କ ସହ କଥା ହୋଇଛନ୍ତି। ଚାର୍ଜସିଟରେ ଉଲ୍ଲେଖ କରଯାଇଛି କି ଅନମୋଲ ସୁଟରମାନଙ୍କୁ କହିଛନ୍ତି ଯେ ଯଦି ସେମାନେ ସଫଳ ହୁଅନ୍ତି ତେବେ ସେମାନେ "ଇତିହାସ ସୃଷ୍ଟି କରିବେ" ଏବଂ ସେମାନଙ୍କର ନାମ ଗଣମାଧ୍ୟମରେ ପ୍ରକାଶ ପାଇବ।

# କଙ୍ଗନାଙ୍କ ସାଂସଦ ସଦସ୍ୟତା ରଦ୍ଦ କରିବାକୁ ହାଇକୋର୍ଟ ଗଲେ ସ୍ୱାଧୀନ ପ୍ରାର୍ଥୀ ଲାୟକ୍ ରାମ



ବଢ଼ିଲା ବଲିଉଡ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରାନାୱତଙ୍କ ଅଡୁଆ। ହାତରୁ ଚାଲିଯାଇପାରେ ପଦବୀ। ହିମାଚଳ ପ୍ରଦେଶର ମଣ୍ଡି ଲୋକସଭା ଆସନରୁ ବିଜେପି ସାଂସଦ ଥିବା କଙ୍ଗନା ରାନାୱତଙ୍କ ନିର୍ବାଚନକୁ ହିମାଚଳ ପ୍ରଦେଶ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହା ପରେ କୋର୍ଟ କଙ୍ଗନା ରାନାୱତଙ୍କୁ ନୋଟିସ ପଠାଇଛନ୍ତି। ନୋଟିସ ଜାରି କରି ଜଷ୍ଟିସ ଅଗଷ୍ଟ ୨୧ସୁଦ୍ଧା କଙ୍ଗନା ରାନାୱତଙ୍କଠାରୁ ଉତ୍ତର ମାଗିଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ଅନୁଯାୟୀ କିନ୍ନୋର ନିବାସୀ ସ୍ୱାଧୀନ ପ୍ରାର୍ଥୀ ଲାୟକ୍ ରାମ ନେଗି କୋର୍ଟରେ ଏହି ଆବେଦନ କରିଛନ୍ତି। ସେ ଏହି ଆବେଦନ ମାଧ୍ୟମରେ ଯୁକ୍ତି କରିଛନ୍ତି ଯେ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରିବା ସତ୍ତ୍ୱେ ତାଙ୍କ ନାମାଙ୍କନ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯଦି ତାଙ୍କର ନାମାଙ୍କନ ଗ୍ରହଣ କରାଯାଇଥାନ୍ତା, ତେବେ ସେ ନିର୍ବାଚନ ଜିତିଥାନ୍ତେ। ତେଣୁ କଙ୍ଗନା ରାନାୱତଙ୍କ ସାଂସଦ ସଦସ୍ୟତା ବାତିଲ କରାଯିବା ଉଚିତ୍। ଲାୟକ ରାମ ନେଗି ବନ ବିଭାଗର ଜଣେ ପୂର୍ବତନ କର୍ମଚାରୀ। ସେ ନିର୍ବାଚନ ଲଢ଼ିବା ପାଇଁ ସମୟ ପୂର୍ବରୁ ସ୍ୱଇଚ୍ଛାରେ ଅବସର ନେଇଥିଲେ ଏବଂ ନାମାଙ୍କନପତ୍ର ଦାଖଲ କରିବା ସମୟରେ ରିଟର୍ଣ୍ଣିଂ ଅଫିସରଙ୍କୁ କୌଣସି ଦେୟ ବାକି ନଥିବାର ପ୍ରମାଣପତ୍ର ମଧ୍ୟ ଦେଇଥିଲେ। ଯେତେବେଳେ ନେଗି ସମସ୍ତ ପ୍ରମାଣପତ୍ର ଉପସ୍ଥାପନ କରିଥିଲେ, ରିଟର୍ଣ୍ଣିଂ ଅଫିସର ତାଙ୍କ ନାମାଙ୍କନକୁ ଖାରଜ କରିଦେଇଥିଲେ। ଯଦି ତାଙ୍କର ନାମାଙ୍କନ ଗ୍ରହଣ କରାଯାଇଥାନ୍ତା, ତେବେ ସେ ଜିତିଥାନ୍ତେ ବୋଲି କହିଛନ୍ତି ଲାୟକ।

# ପ୍ରେମିକ ରକିଙ୍କୁ ନିଜର ଶକ୍ତି ବୋଲି କହି ପୋଷ୍ଟ କଲେ ହୀନା ଖାନ୍



ଆମେ ଜାଣନ୍ତି ଯେ ଟେଲି ଅଭିନେତ୍ରୀ ତଥା ବିଗ୍‌ବସ୍ ଫେମ୍ ହୀନା ଖାନ ତୃତୀୟ ସ୍ତର ସ୍ତନ କର୍କଟ ରୋଗରେ ପୀଡ଼ିତ। କର୍କଟ ରୋଗର ଆକ୍ରାନ୍ତ ବୋଲି ଜାଣିବା ପରଠାରୁ ଅଭିନେତ୍ରୀ ନିଜର ଛୋଟମୋଟ କଥାକୁ ସୋସିଆଲ୍ ମିଡିଆରେ ପ୍ରକାଶ କରୁଛନ୍ତି। ନିକଟରେ ସେ ତାଙ୍କ ପ୍ରେମିକ ରକି ଜୈସୱାଲ୍‌ଙ୍କ ଏକ ଫଟୋ ସେୟାର କରି ତାଙ୍କୁ ନିଜର ଶକ୍ତି ବୋଲି ସମ୍ବୋଧନ କରିଛନ୍ତି। ଚିତ୍ରରେ, ଏହି ଦମ୍ପତି ପରସ୍ପର ସହ ମେଳ ଖାଉଥିବା କଳା ଟି-ସାର୍ଟ ପରିଧାନ କରିଛନ୍ତି। ହୀନା ରକିଙ୍କୁ ତାଙ୍କର ଶକ୍ତି ବୋଲି କହି ଲେଖିଛନ୍ତି, "ତୁମେ ଶ୍ରେଷ୍ଠ। ଆଲ୍ଲାହା ତୁମକୁ ସର୍ବଦା ଆଶୀର୍ବାଦ କରନ୍ତୁ। ତୁମେ ମୋର ଶକ୍ତି।" ଏକ ସପ୍ତାହ ପୂର୍ବରୁ ରକି ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ହୀନା ଖାନଙ୍କ ଦୁଇଟି ଆକର୍ଷଣୀୟ ଫଟୋ ପୋଷ୍ଟ କରିଥିଲେ। ସ୍ନାପସଟରେ, ଅଭିନେତ୍ରୀ ନିଜର ଛୋଟ କେଶରେ ନଜର ଆସିଥିଲେ। କ୍ୟାପସନରେ ରକି ଲେଖିଥିଲେ, ''ସେ ହସିଲେ ଆଲୋକ ଆହୁରୁ ଉଜ୍ଜ୍ୱଳ ହୋଇଯାଏ। ଜୀବନର ମାନେ ବୁଝି ହୁଏ। ସେ ମୋ ସହ ଥିଲେ ମୁଁ ଅଧିକ ଦିନ ବଞ୍ଚିଯାଏ। ମୁଁ ତା' ସହ ଥିଲେ ସେପରି ବିଷେଶ କିଛି ହୁଏନି। ତାଙ୍କ ପ୍ରିୟ ଖାଦ୍ୟ ରୋଷେଇ କରିଛି। ମୋ ପ୍ରେମ ପାଇଁ ଆଜି ସପ୍ତାହନ୍ତ ସ୍ୱତନ୍ତ୍ର।'' ଏହାପୂର୍ବରୁ, ହିନା ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରି ଏକ ପୁରସ୍କାର ସୋ'ରେ ଯୋଗଦେବା ପରେ ତାଙ୍କର ପ୍ରଥମ କେମୋଥେରାପି ଅଧିବେଶନ ପାଇଁ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଭିଡିଓଟି ହିନା ରେଡ କାର୍ପେଟରେ ଫଟୋଗ୍ରାଫରଙ୍କ ପାଇଁ ପୋଜ୍ କରିବା ଏବଂ ଇଭେଣ୍ଟରେ ପୁରସ୍କାର ପାଇବା ସହିତ ଆରମ୍ଭ ହୋଇଥିଲା। ତା'ପରେ ସେ କେମୋ ଅଧିବେଶନ ପାଇଁ ଡାକ୍ତରଖାନାରେ ପ୍ରବେଶ କରୁଥିବା ନଜର ଆସିଥିଲେ।

# 'ତୋବା ତୋବା'ରେ ଠୁମକା ଲଗାଇଲେ ମହିଳା: ବିକି କୌଶଲ ବି କମେଣ୍ଟ କଲେ



ସବୁଠି ଧୁମ୍ ମଚାଉଛି 'ତୋବା ତୋବା'। ଏହି ଗୀତରେ ବିକି କୌଶଲଙ୍କ ହୁକ୍ ଷ୍ଟେପ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଅନେକ ନୃତ୍ୟଶିଳ୍ପୀ ଏବଂ ନେଟିଜେନ୍ସଙ୍କ 'ତୋବା ତୋବା' ରିଲ୍ସ ଦେଖିବାକୁ ମିଳୁଛି। ଏହାରି ମଧ୍ୟରେ ଜଣେ ଗୃହିଣୀଙ୍କ ଡାନ୍ସ ଭିଡିଓ କେବଳ ଦର୍ଶକ ନୁହଁନ୍ତି, ବିକି କୌଶଲଙ୍କୁ ବି ପସନ୍ଦ ଆସିଛି। ରୁପାଲି ସିଂହ ନାମକ ଏକ ଇନଷ୍ଟାଗ୍ରାମ ଆଇଡିରେ ପୋଷ୍ଟ ହୋଇଥିବା 'ତୋବା ତୋବା' ରିଲ୍ସ ସୋଶାଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ଏଥିରେ ଜଣେ ମହିଳା ସାଦା ହଳଦୀ ରଙ୍ଗର ଶାଢୀରେ ନୃତ୍ୟ କରୁଥିବା ଦେଖିବାକୁ ମିଳୁଛି। ସେ 'ତୋବା ତୋବା'ରେ ନାଚିବା ବେଳେ ତାଙ୍କର ଦୁଇ ପିଲା ମଧ୍ୟ ତାଙ୍କ ସହ ତାଳ ଦେଉଛନ୍ତି। ବର୍ତ୍ତମାନ ସୋଶାଲ ମିଡିଆରେ ଏହି ଭିଡ଼ିଓ ଖୁବ୍ ଭାଇରାଲ୍ ହେଉଛି। ଖବର ଲେଖା ହେବା ସୁଦ୍ଧା ଏହାକୁ ୫୫ ମିଲିୟନରୁ ଅଧିକ ଲୋକ ଦେଖି ସାରିଥିଲେ। ଏପରିକି ବିକି କୌଶଲ ମଧ୍ୟ ଏହି ଭିଡିଓରେ କମେଣ୍ଟ କରିଛନ୍ତି। ବିକି କୌଶଲ କମେଣ୍ଟରେ 'ଡକ୍କୁଙ୍ଗ !' ଲେଖିଛନ୍ତି। ଏହାପରେ ଏହି ଭିଡିଓକୁ ଅଧିକ ବୁଷ୍ଟ ମିଳିଥିବା କୁହା ଯାଇପାରେ।

# ଇସ୍ପାତ ଓ ଖଣି ବିଭାଗର ଚଢ଼ାଉ ପରେବି ଚେତୁନାହାନ୍ତି ବାଲି ମାଫିଆ

ମାଲକାନଗିରି, ୨୫/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଥିବା ଇସ୍ପାତ ଓ ଖଣି କାର୍ଯ୍ୟାଳୟ ଜଣେ ଅଧିକାରୀରେ ଚାଲିଛି। ଜିଲ୍ଲାରେ ଚାଲିଥିବା ବାଲିଘାଟଗୁଡିକରେ କିପରି ବେପାର ଚାଲିଛି ତାକୁ ନେଇ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଘନ ଘନ ଚଢଉ ହେଉଛି। ଏହା ସ୍ୱତେ ମଧ ବାଲି ମାଫିଆ ମାନେ କାହାକୁ ଖାତିର ନକରି ମେସିନ ଲଗାଇ ଜିଲ୍ଲାର ବିଭିନ୍ନ ନଦୀ ଘାଟରୁ ଦିନ ଦ୍ୱିପ୍ରହରେ ଲୁଟ ଚଳାଇଛନ୍ତି ! ଏପରିକି ଚଢ଼ା ଦରରେ ସ୍ଥାନୀୟ ଲୋକଙ୍କୁ ବାଲି ବିକ୍ରୀ କରୁଛନ୍ତି !ଆବଶ୍ୟକ ପରିମାଣର କର୍ମଚାରୀ ନଥିବାରୁ ବହୁ ସମୟରେ ଚଢଉ ହୋଇପାରୁନଥିବା ଜଣାପଡିଛି । ମାଲକାନଗିରି ଇସ୍ପାତ ଓ ଖଣି କାର୍ଯ୍ୟାଳୟରେ ମାତ୍ର ଜଣେ ହିଁ ଖଣି ଅଧିକାରୀ ରହିଛନ୍ତି । ଜଣେ ଖଣି ଅଧିକାରୀ ସାରା ଜିଲ୍ଲାକୁ ବୁଲି ବାଲିଘାଟର ତଦାରଖ କରିବା ଏବଂ ବେଆଇନ ବାଲି ଚାଲଣ ରୋକିବା କେତେଦୂର ସମ୍ଭବ ହୋଇପାରୁନାହିଁ । ଜିଲ୍ଲାରେ ୧୯ଟି ବାଲିଘାଟ ରହିଥିବାବେଳେ ସେଥିମଧ୍ୟରୁ ଦୁଇଟି ବାଲିଘାଟ ବେଆଇନ ଭାବେ ଚୁକ୍ତିନାମାକୁ ଖିଲାପ କରିଥିଲେ। ଏହି ଦୁଇ ବାଲିଘାଟ ହେଲା ପାଙ୍ଗାମ ଓ ପୋଡାଗୁଡା। ଏହି ଦୁଇ ବାଲିଘାଟ ଯେତିକି ହେକ୍ଟରରୁ ବାଲି ଉଠାଇବା କଥା ତାଠାରୁ ଢେର ଅଧିକ ହେକ୍ଟରରୁ ବାଲି ଉଠାଉଥିଲେ । ତଦନ୍ତ ପରେ ଏହି ଦୁଇ ବାଲିଘାଟକୁ ବନ୍ଦ କରିଦିଆଯାଇଛି । ଏହି ଦୁଇ ବାଲିଘାଟର ତଦନ୍ତ ଜଣେ ଦକ୍ଷ ସ୍ୱୀକୃତିପ୍ରାପ୍ତି ଖଣି ଅଧିକାରୀ କରିଥିବାବେଳେ ଏହାର ରିପୋର୍ଟ ବର୍ତମାନ ସୁଦ୍ଧା ମିଳିନଥିବା ସ୍ଥାନୀୟ ଅଧିକାରୀ ସତ୍ୟେନ୍ଦ୍ର ସରଦାର ପ୍ରକାଶ କରିଛନ୍ତି। ଏହି ବାଲିଘାଟଗୁଡିକ ବିଭାଗ ସହ କରିଥିବା ଚୁକ୍ତିନାମାରେ କେତେ ହେକ୍ଟର ମଧ୍ୟରୁ ବାଲି ଉଠାଇବାର ନିୟମ ରହିଥି ବାବେଳେ ଏମାନେ ସେତିକିରେ ସୀମିତ ରହିଛନ୍ତି ନା ଚୁକ୍ତିନାମାଠାରୁ ଅଧିକା ଅଞ୍ଚଳରୁ ବାଲି ଉଠାଣ କରୁଛନ୍ତି ତାହା ମଧ ଏବେ ତଦନ୍ତ ସାପେକ୍ଷ। ଚଳିତ ବର୍ଷ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ମାଲକାନଗିରି ଇସ୍ପାତ ଓ ଖଣି ବିଭାଗ ତରଫରୁ ୧୧ ଲକ୍ଷ ଟଙ୍କା ଜରି ଜରିମାନା ଆଦାୟ କରାଯାଇଥିବା ବିଭାଗ କହିଛି । ତେବେ ଜଣେ ଅଧିକାରୀରେ ବଳକା ୧୭ଟି ବାଲିଘାଟକୁ ନିୟମିତ ତଦାରଖ କରିବା ଏବଂ ଏକା ସାଙ୍ଗରେ ଅଫିସ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସମ୍ଭବ ହେଉନଥିବା ସ୍ଥାନୀୟ ଖଣି ଅଧିକାରୀ ସତ୍ୟନ୍ଦ୍ର ସରଦାର ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟାଳୟରେ ଜଣେ ଅତିରିକ୍ତ ଖଣି ଅଧିକାରୀ ରହିବା ସହ ୩ ଜଣ ଜୁନିୟର ଖଣି ଅଧିକାରୀ ଓ ଅନ୍ୟ କର୍ମଚାରୀ ରହିବା କଥା କିନ୍ତୁ ମାତ୍ର ଜଣେ ଅଧିକାରୀରେ ଚାଲିଛି କାର୍ଯ୍ୟାଳୟ । ପୂର୍ବରୁ ରାଜସ୍ୱ ବିଭାଗ ବାଲିଘାଟଗୁଡିକରେ ଚଢଉ ସହ ବେଆଇନ ବାଲି ଚାଲାଣକୁ ରୋକ ଲଗାଉଥିଲାବେଳେ ସରକାର ରାଜସ୍ୱ ବିଭାଗରୁ ଏହି ଦାୟିତ୍ୱ ଉଠାଇ ଖଣି ବିଭାଗକୁ ହସ୍ତାନ୍ତର କଲେ। ଏବେ ପୁଣି ଖଣି ବିଭାଗ ଏହାର ଉଚିତ ତଦନ୍ତ କରିନପାରି ଏଥିରେ ତହସିଲକୁ ସାମିଲ କରିବା ନେଇ ସରକାରଙ୍କୁ ଜଣାଇଥିବା ଜଣାପଡିଛି।

# କେନ୍ଦ୍ରାପଡ଼ା କଲେଜ ଏସି ଚୋରି ମାମଲାର ତଦନ୍ତ ଦାୟିତ୍ୱ ନେଲେ ଇନିସପେକ୍ଟର

କେନ୍ଦ୍ରାପଡ଼ା, ୨୫/୦୭ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଏସି ଚୋରି ମାମଲାର ତଦନ୍ତ ଦାୟୀତ୍ୱ ନେଇଛନ୍ତି ପୋଲିସ ଇନିସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ। ଘଟଣାରୁ ପ୍ରକାଶ ଯେ ଏସି ଚୋରି ମାମଲାର ନିରପେକ୍ଷ ତଦନ୍ତ କରାଯିବା, ପୋଲିସ ଛାଡିଦେଇଥିବା ଚୋରି ଘଟଣାର ମାଷ୍ଟରମାଇଣ୍ଡ ଅଧ୍ୟାପକଙ୍କୁ ଗିରଫ ଓ ମାମଲାର କ୍ରାଇମବ୍ରାଂଚ ଦ୍ୱାରା ତଦନ୍ତ ଦାବିରେ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ଟାଉନ ଥାନା ସମ୍ମୁଖରେ ଧାରଣାରେ ବସିରହିଥିଲେ। ୫ଦିନ ଧାରଣାରେ ବସିବା ପରେ ଗତ୧୨ତାରିଖରେ ପୋଲିସ ମୁଖ୍ୟାଳୟରୁ ଡିଏସପି ସରିତା ମହାପାତ୍ର ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ଡିଏସପି ଶ୍ରୀମତୀ ମହାପାତ୍ର ପ୍ରତିଶୃତି ଦେବାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ସେହି ପ୍ରତିଶୃତି ଅନୁଯାୟୀ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା କଲେଜରୁ ଏସି ଚୋରି ମାମଲାର ତଦନ୍ତ ଭାର ପୋଲିସ ମୁଖ୍ୟାଳୟରେ ଥିବା ପୋଲିସ ଇନିସପେକ୍ଟର ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କୁ ପ୍ରଦାନ କରାଯାଇଛି। ଇନିସପେକ୍ଟର ଶ୍ରୀ ପଟ୍ଟାୟତ ଟାଉନ ଥାନାରୁ ପୂର୍ବତନ ତଦନ୍ତ ଅଧିକାରୀଙ୍କ ଠାରୁ କେଶ ରେକର୍ଡ ଗ୍ରହଣ କରିବା ପରେ ଆଜି ପ୍ରଥମ ଥର ପାଇଁ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ତଦନ୍ତ ନିମନ୍ତେ ଯାଇ ପହଂଚିଥିଲେ। ଏଥିସହିତ ଏସି ଚୋରି ଯାଇଥିବା ମହାବିଦ୍ୟାଳୟର କନଫରେନ୍ସ ହଲ ବୁଲି ଦେଖିବା ସହିତ ତାର ପାରିପାର୍ଶ୍ୱିକ ଅବସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଏଥିସହିତ ଏସି ଚୋରି କରିଥିବା କଲେଜର କର୍ମଚାରୀ ତଥା ସଂପୃକ୍ତ ଇଲେକ୍ଟ୍ରିସିଆନ ଓ ଏସି କିଣିଥିବା କଲେଜର କର୍ମଚାରୀଙ୍କ ସମେତ ଥାନାରେ ଅଟକ ଥିବା ଅଧ୍ୟାପକଙ୍କୁ ପୋଲିସ ମୁଖ୍ୟାଳୟକୁ ପଚରାଉଚୁରା କରିବା ପାଇଁ ଡାକିଛନ୍ତି। ଏଥିସହିତ କଲେଜ ଅଧକ୍ଷଙ୍କ ସହିତ ମଧ ଚୋରି ସମ୍ପର୍କରେ ବିଭିନ୍ନ ବିଷୟ ଆଲୋଚନା କରିଥିବା ଶ୍ରୀ ପଟ୍ଟାୟତ କହିଛନ୍ତି।

# କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କୁ ସୁରକ୍ଷା ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ

ପୁରୀ , ୨୫/୦୭ (ନି.ପ୍ର): କର୍ମ କ୍ଷେତ୍ରରେ ମହିଳା କର୍ମଚାରୀ ଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ସମ୍ପର୍କରେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗ ଦେଇ କର୍ମ କ୍ଷେତ୍ରରେ ଉପଯୁକ୍ତ ସମ୍ମାନ ର ସହ ମହିଳା ମାନେ କାର୍ଯ୍ୟ ନିର୍ବାହ କରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟ ଓ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ତେଣୁ ସତକୁ ଲୁଚାଇବାନି କିମ୍ବା ମିଛକୁ ପ୍ରଶୟ ନ ଦେଇ କୌଣସି କ୍ଷେତ୍ରରେ ଘଟଣାର ଶୀକାର ହେଲେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ।ପ୍ରତ୍ୟେକ ବିଭାଗ ରେ ମହିଳା ନିର୍ଯ୍ୟାତନା ରୋକିବା ସମ୍ପର୍କରେ ଇଣ୍ଟରନାଲ କମ୍ପ୍ଲେନ କମିଟି ବା ଆନ୍ତଃ ଅଭିଯୋଗ କମିଟି କାର୍ଯ୍ୟ କରୁଛି। ସେହିପରି ବ୍ଲକ ଓ ଜିଲ୍ଲା ସ୍ତରରେ ମଧ ଆନ୍ତଃ ଅଭିଯୋଗ କମିଟି ଓ ଲୋକାଲ ଅଭିଯୋଗ କମିଟି କାର୍ଯ୍ୟ କରୁଛି ଯାହା ତୁରନ୍ତ ନ୍ୟାୟ ପ୍ରଦାନ ରେ ସହାୟକ ହୋଇଥାଏ ବୋଲି ଶ୍ରୀ ସେଠୀ ସୂଚନା ଦେଇଥିଲେ। ପରିବାର କଲ୍ୟାଣ ଏଡିଏମଓ ଡା ଚନ୍ଦ୍ରକାନ୍ତି ନାୟକ ଯୋଗ ଦେଇ କର୍ମ କ୍ଷେତ୍ରରେ ମହିଳା ମାନଙ୍କର ସ୍ଥିତି, ସେମାନଙ୍କ ଦାୟିତ୍ୱ, ଆଇନ ର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବିଷୟ ବିଶାରଦ ବା ରିସୋର୍ସ ପର୍ସନ ଭାବେ ବରିଷ୍ଠ ଆଇନଜିବୀ ମୋହନ ସୁନ୍ଦର ଜେନା, ରଚିତା ରାଉତରାୟ, ଶ୍ରାବଣୀ ଦାସ ,ଶିଶୁ ସୁରକ୍ଷା ୟୁନିଟ ର ଲିଗାଲ ଅଫିସର ସନ୍ତୋଷ କୁମାର ସାହୁ ବିସ୍ତୃତ ଆଲୋଚନା କରି ୧୯୯୭ ମସିହାରେ ବିଶାଖା ଗାଇଡ ଲାଇନ ଅନୁସାରେ ମହିଳା ଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ଦେବା ପାଇଁ ଏହି ଆଇନ ପ୍ରଣୟନ ହୋଇ ଥିବା ବେଳେ ୨୦୧୩ରୁ ଏହା ସମଗ୍ର ଦେଶରେ କାର୍ଯ୍ୟ କାରୀ ହୋଇ ଆସୁଛି।ମହିଳା ମାନ ଙ୍କୁ କର୍ମ କ୍ଷେତ୍ରରେ ସୁରକ୍ଷା ସହ ଉପଯୁକ୍ତ ତଦନ୍ତ ପରେ ଆଇନ ଅନୁଯାୟୀ ଦୋଷୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ର ମଧ ବ୍ୟବସ୍ଥା ରହିଛି।ତେଣୁ ବ୍ୟାପକ ଜନ ସଚେତନତା ସୃଷ୍ଟି ଏହାକୁ ଅଧିକ ଫଳପ୍ରଦ କରି ପାରିବ ବୋଲି ସେମାନେ କହିଥିଲେ।ଭବିଷ୍ୟତରେ ଏହି ସଚେତନତା କାର୍ଯ୍ୟକ୍ରମକୁ ପଞ୍ଚାୟତ ଓ ବ୍ଲକ ସ୍ତରରେ ଆୟୋଜନ କରାଗଲେ ଅଧିକ ସଚେତନ କରାଯାଇ ପାରିବ ବୋଲି ସେମାନେ କହିଥିଲେ।ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶର୍ମିଷ୍ଠା ହୋତା ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।କର୍ମଶାଳା ରେ ଜିଲ୍ଲା ସଂଯୋଜକ ବାଲ୍ୟବତୀ ମହାନ୍ତି, ବିଭିନ୍ନ ବ୍ଲକର ସିଡିପିଓ, ସୁପରଭାଇଜର ଓ ବିଭିନ୍ନ ବିଭାଗ କର୍ମଚାରୀ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଆଇନ ସଚେତନତା ଶିବିର

ଜୟପୁର, ୨୫/୦୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଆନୁକୂଲ୍ୟରେ ଆଜି ପ୍ରଜେକ୍ଟ ଉଚ୍ଚ ବିଦ୍ୟାଳୟ ବାରିଶିପୁଟ ଠାରେ ନାବାଳକ ନ୍ୟାୟ ଓ ଶିଶୁ ସୁରକ୍ଷା ବିଷୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସଚିବ ତଥା ବିଚାରପତି ଶ୍ରୀ ସୁମନ ଜେନା,ଯୋଗଦେଇଥିଲେ, ଅନ୍ୟ ଅତୀଥି ବକ୍ତା ଭାବରେ ଶିଶୁ କଲ୍ୟାଣ କମିଟିର କୋରାପୁଟ, ଅଧାକ୍ଷା ଶ୍ରୀମତି ଗାୟତ୍ରୀ ପାତ୍ର ଯୋଗଦେଇ ଶିବିରରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ସଚେମନତା ବାର୍ତା। ଦେଇଥିଲେ ଯେ ଜୁଭେନାଇଲ ଜଷ୍ଟିସ୍ କେୟାର ଏବଂ ଶିଶୁ ସୁରକ୍ଷା ଆକ୍ଟ ୨୦୧୫ ହେଉଛି ଆଇନ ସହିତ ବିବାଦ ଥିବା ଅଭିଯୋଗ ହୋଇଥିବା ଶିଶୁ ତଥା ପର୍ଯ୍ୟାପ୍ତ ଯତ୍ନ ମାଧମରେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରି ଯତ୍ନ ଏବଂ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କ ସମ୍ବନ୍ଧୀୟ ଆଇନକୁ ସୁଦୃଢ ତଥା ସଂଶୋଧନ କରିବା ପାଇଁ ଏକ କାର୍ଯ୍ୟ। ଶିଶୁ ମାନଙ୍କ ର ସୁରକ୍ଷା, ବିକାଶ, ଚିକିତ୍ସା, ସାମାଜିକ, ପୁନ ଏକୀକରଣ ସହିତ ଶିଶୁଙ୍କ ଉତମ ସ୍ୱାର୍ଥରେ ତଥା ଶିଶୁମାନଙ୍କର ପୁନଃ ଥଇଥାନ ପାଇଁ ଆର୍ବିଟ୍ରେସନ୍ ତଥା ମାମଲା ଏବଂ ସମାଧାନରେ ଏକ ଶିଶୁ ଅନୁକୂଳ ଆଭିମୂଖ୍ୟ ବିଷୟରେ ସଚେନତା କରିଥିଲେ। ଏହି ଶିବିରରେ ପ୍ରଜେକ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପର୍ଶୁରାମ ସେଠି ସହିତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀୟ ଉପସ୍ଥିତ ଥିଲେ ।

## ଟେକଗୁଡ଼ା ନଦୀ ନିକଟରୁ ଝୁଲନ୍ତା ମୃତ ଦେହ ଉଦ୍ଧାର

ମାଲକାନଗିରି, ୨୫/୦୭ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ଟେକଗୁଡ଼ା ନଦୀ ନିକଟରୁ ଝୁଲନ୍ତା ମୃତ ଦେହ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ସେ ଟେକଗୁଡ଼ା ଗ୍ରାମର ତାଙ୍କ ନାମ ଗୁରୁ ପୁଲା ବୟସ ୪୦ ବୋଲି ଜଣା ପଡ଼ିଛି। ସେ ଏକ ଗଛରେ ପିନ୍ଧିଥିବା ଲୁଙ୍ଗି ଗଛରେ ଲଗାଇ ଝୁଲୁଥିବା ବେଳେ ତାଙ୍କ ସ୍ତ୍ରୀ ପ୍ରଥମେ ଦେଖିଥିଲେ ତା ପରେ ଗ୍ରାମର ଲୋକ ମାନଙ୍କୁ ଡାକି କୁଡୁମୁଲୁଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଓଡିଶା ବିଧାନସଭାରେ କଳିକେଶଙ୍କ ଶାଣିତସ୍ୱର: ବିଭିନ୍ନ ସମସ୍ୟାନେଇ ସରକାରଙ୍କୁ ପ୍ରଶ୍ନ

ବଲାଙ୍ଗିର, ୨୫/୦୭ (ନି.ପ୍ର): ଓଡ଼ିଶା ବିଧାନସଭାରେ ସବୁବେଳେ ବଲାଙ୍ଗୀରର ସ୍ୱର ଉଠିଛି । ଏବେ ବଲାଙ୍ଗୀର ସଦର ଆସନରେ ବିଧାୟକ ଥିବା କଳିକେଶ ନାରାୟଣ ସିଂଦେଓ ଜିଲ୍ଲାର ରାସ୍ତାଘାଟ ସମସ୍ୟାନେଇ ରାଜ୍ୟସରକାରଙ୍କୁ ଶାଣିତସ୍ୱରରେ ପ୍ରଶ୍ନ କରୁଛନ୍ତି। କଳିକେଶଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟରୁ ଜଣାଯାଇଛି ଯେ, ବଲାଙ୍ଗୀର ଜିଲ୍ଲାର ଗ୍ରାମାଞ୍ଚଳ, ବଲାଙ୍ଗୀର ପୌରପାଳିକାର ରାସ୍ତାଘାଟ, ପୋଲନିର୍ମାଣ ତଥା ମରାମତି, ସରକାରୀ ଉଦ୍ୟୋଗରେ ଯୁବକଯୁବତୀଙ୍କ ନିଯୁକ୍ତି, ଜିଲ୍ଲାରେ ବନବିଭାଗ ପକ୍ଷରୁ ହୋଇଥିବା ବନୀକରଣ ,ପଞ୍ଚାୟତମାନଙ୍କରେ ନିର୍ବାହୀ ଅଧିକାରୀ ନିଯୁକ୍ତି, ଶିକ୍ଷାନୁଷ୍ଠାନମାନଙ୍କୁ ବିଦ୍ୟୁତ କରଣ ଇତ୍ୟାଦି ବିଷୟରେ ଆଜି ବିଧାନସଭାରେ ପ୍ରଶ୍ନ ଉଠାଇଛନ୍ତି । ବିଧାୟକ କଳିକେଶଙ୍କ ପ୍ରଶ୍ନର ଉତ୍ତରରେ ଗ୍ରାମ୍ୟଉନ୍ନୟନ ଓ ପଞ୍ଚାୟତି ରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ଯେ, ବଲାଙ୍ଗୀର ଜିଲ୍ଲାରେ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ବିଜୁସେତୁ ଯୋଜନାରେ ମୋଟ ୯ଟି ର ନିର୍ମାଣକାର୍ଯ୍ୟ ଶେଷ ହୋଇଥିବା ବେଳେ ୪୮ଗୋଟି ସେତୁର କାମ ଚାଲିଛି । ସେହିପରି ୪ଟି ସେତୁ ନିର୍ମାଣ ପାଇଁ ଅଟକଳ ପ୍ରସ୍ତୁତ ହୋଇ ଟେଣ୍ଡର ପ୍ରକ୍ରୀୟାରେ ରହିଛି । ଟେଣ୍ଡର ପ୍ରକ୍ରୀୟାରେ ଥିବା ସେତୁ ମଧ୍ୟରେ ବଲାଙ୍ଗୀର ନିର୍ବାଚନମଣ୍ଡଳିର ଦେଓଗାଁ ବ୍ଲକର ସାଲେପାଲିଠାରୁ ସରଗାଡକୁ ସୋନଗଡ ନଦୀରେ ସେତୁ, ଟିଟିଲାଗଡ ନିର୍ବାଚନ ମଣ୍ଡଳିର ଲାନ୍ତନଦୀରେ ଦୁଖଲଘାଟରୁ ଜାମିଲିସର ରୋଡରେ ସେତୁ, ଟାଙ୍ଗିଜୋର ନାଳାରେ ସିଲଣ୍ଡାରୁ ଚାଣ୍ଟିପଲାକୁ ସେତୁ ଓ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିରେ ସୁନ୍ଦରନାଳାରେ ପୁଲସଖଣ୍ଡରୁ ଶ୍ରୀରାମ ପଞ୍ଚାୟତ ସମିତି ରୋଡକୁ ସେତୁ ରହିଥିବା ମନ୍ତ୍ରୀ ଉତ୍ତରରଖିଛନ୍ତି । ଠିକ ସେହିପରି ବଲାଙ୍ଗୀର ନିର୍ବାଚନମଣ୍ଡଳିର ବଲାଙ୍ଗୀର ସଦର ବ୍ଲକରେ ୨୫ଗୋଟି ଗ୍ରାମପଞ୍ଚାୟତରେ ସମୁଦାୟ ୩୦୨.୨୫ କିମି ପଞ୍ଚାୟତ ରାସ୍ତା ରହିଛି । ସେଥିରୁ ୮୧.୭କିମି ରାସ୍ତା କଂକ୍ରୀଟ, ପେଭରବ୍ଲକ କାମ ହୋଇଛି ଓ ୨୧୮.୮କିମି ମାଟି ରାସ୍ତା ରହିଛି । ଏହି ରାସ୍ତାଗୁଡିକୁ ବିଭିନ୍ନ ପର୍ଯ୍ୟାୟରେ ଜିପିଡିପି ଓ ବିପିଡିପି ତଥା ଅନ୍ୟାନ୍ୟ ଯୋଜନାରୁ କଂକ୍ରୀଟ ଓ ପେଭର ବ୍ଲକ କାମ କରାଯିବାକୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ରବିନାରାୟଣ ନାଏକ ଉତ୍ତର ରଖିଛନ୍ତି । ସେହିପରି ଜିଲ୍ଲାରେ ଗତ ୫ବର୍ଷ ମଧ୍ୟରେ ମାତ୍ର ୫୦ଟି ଶିକ୍ଷାନୁଷ୍ଠାନରେ ଜିଇଡି ବିଭାଗ ପକ୍ଷରୁ ବିଦ୍ୟୁତକରଣ କରାଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ ଉତ୍ତର ରଖିଛନ୍ତି । ଠିକ ସେହିପରି ବଲାଙ୍ଗୀର ପୌରପାଳିକାରେ ମୋଟ ୪୨୭.୨୭କିମି ରାସ୍ତା ରହିଥିବା ବେଳେ ସେଥିରୁ ୯୬.୧୫ କିମି ପିଚୁରାସ୍ତା, ୧୨୧.୬୨ କିମି ସିମେଣ୍ଟ କଂକ୍ରୀଟ ଓ ୨୦୯.୫୦କିମି ମେଟାଲ ଓ ଅଣମେଟାଲ ରାସ୍ତା ରହିଛି । ଏହି ମେଟାଲ ଓ ଅଣମେଟାଲ ରାସ୍ତା ମଧ୍ୟରୁ ୩୨.୪୫କିମି ରାସ୍ତାକୁ ପେଭରରାସ୍ତା କରିବାକୁ ଗତ ୨୦୨୩-୨୪ ଆର୍ଥିକବର୍ଷରେ ମଞ୍ଜୁରି ପ୍ରଦାନ କରା ଯାଇଛି ବୋଲି ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ସେପଟେ ବଲାଙ୍ଗୀର ଜିଲ୍ଲାରେ ୧୪ଟି ବ୍ଲକଅଞ୍ଚଳର ଗ୍ରାମ ଗୁଡିକରେ ମୋଟ ୩୫,୦୩୫.୫୫ ହେକ୍ଟର ଗ୍ରାମ୍ୟଜଙ୍ଗଲ ରହିଛି । ସେଥିରୁ ଏପର୍ଯ୍ୟନ୍ତ ୧୩୮୧ ହେକ୍ଟରରେ ବନବିଭାଗ ବନୀକରଣ କରା ଯାଇଛି । ଆଗକୁ ଅନ୍ୟ ଜମିରେ ମଧ ବନୀକରଣ କରାଯିବ ବୋଲି ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ବିଧାନସଭାରେ ଉତ୍ତର ରଖିଛନ୍ତି ।

# ସୁକିନ୍ଦା ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ଦାୟିତ୍ୱ ଘୋଷଣା

ଧର୍ମଶାଳା, ୨୫/୦୭ (ନି.ପ୍ର): ଯାଜପୁର ଜିଲା ସୁକିନ୍ଦା ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ଦାୟିତ୍ୱ ଘୋଷଣା କରାଯାଇଛି । ଏନେଇ ସୁକିନ୍ଦାସ୍ଥିତ କାଳେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦ ସହ-ସମ୍ପାଦକ ଚିତ ରଞ୍ଜନ ବିନ୍ଧାଣୀ,ଜିଲା ବଜରଙ୍ଗ ଦଳ ସଂଯୋଜକ ବସନ୍ତ କୁମାର ପାତ୍ର ଓ ଜିଲା ସହ-ସଂଯୋଜକ ସାରଦା ପ୍ରସନ୍ନ ବଳ ପ୍ରମୁଖ ଯୋଗ ଦେଇ ଦଳର ସାଂଗଠନିକ କାର୍ଯ୍ୟକ୍ରମ ସୁଦୃଢ ହେବା ସହିତ ଗୋମାତା ସୁରକ୍ଷା,ମଠ ମନ୍ଦିର ସୁରକ୍ଷା,ହିନ୍ଦୁତ୍ୱ ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଶେଷରେ ସୁକିନ୍ଦା ପ୍ରଖଣ୍ଡ ବଜରଙ୍ଗ ଦଳର ନୂତନ ଦାୟିତ୍ୱ ଘୋଷଣା କରାଯାଇଥିଲା । ସୁକିନ୍ଦା ପ୍ରଖଣ୍ଡ ବଜରଙ୍ଗ ଦଳ ସଂଯୋଜକ ରବୀନ୍ଦ୍ର କୁମାର ଭଞ୍ଜ,ପ୍ରଖଣ୍ଡ ସହ-ସଂଯୋଜକ ପ୍ରଶାନ୍ତ ରଣା ଓ ବଂଟି ସାହୁଙ୍କୁ ନୂତନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଜ୍ଞାସୁ ସାହୁ,ଅସିତ କୁମାର ଦାସ, ଦିଲୀପ ମହାନ୍ତ, ବିଶ୍ୱଜିତ ମହାନ୍ତ, ପ୍ରଦୀପ ବେହେରା, କୋଦଣ୍ଡ ଧର ବାରିକ୍, ହୃଷିକେଶ ମହାନ୍ତ, ପ୍ରଶାନ୍ତ ପ୍ରଧାନ, ଜଗବନ୍ଧୁ ମହାଳିକ, ରାଜକିଶୋର ମହାନ୍ତ, ଦିଲୀପ କୁମାର ଦ୍ୱିବେଦୀ, ଉତମ ଦ୍ୱିବେଦୀ, ବିଶ୍ୱ ରଞ୍ଜନ ସାହୁ ଓ ଶିବାନନ୍ଦ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା। ଉପସ୍ଥିତ ରହିଥିଲେ ।

# ଦୁହୁରିଆ କ୍ରସିଂ ବଜାରରୁ ହାଇମାକ୍ସ ଲାଇଟ ଗାୟବ ଅଭିଯୋଗ

କେନ୍ଦ୍ରାପଡ଼ା, ୨୫/୦୭ (ନି.ପ୍ର): ସହରର ପ୍ରବେଶ ପଥ ଦୁହୁରିଆ କ୍ରସିଂ ବଜାର ଠାରେ ଜନ ସାଧାରଣଙ୍କ ଯାତାୟତ ପାଇଁ ଆଲୋକୀକରଣ କରୁଥିବା ଏକ ହାଇମାକ୍ସ ଲାଇଟ କୁ ଜାତୀୟ ରାଜପଥ ର ଠିକାଦାର ଗାୟବ କରିଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ପୂର୍ବତନ ସାଂସଦ ତଥା ବର୍ତମାନ ରସାଂସଦ ବୈଜୟନ୍ତ ପଣ୍ଡାଙ୍କ ଅନୁଦାନ ପାଣ୍ଠିରୁ ବଜାର କମିଟିର ଅନୁମୋଦନ କ୍ରମେ ହାଇମାକ୍ସ ଲାଇଟ୍ ଲଗାଇବା ପାଇଁ ୧ଲକ୍ଷ ୫୦ ଜହାର ଟଙ୍କା ମଞ୍ଜୁର କରା ଯାଇଥିଲା । ଦୈତାରୀ ପାରାଦ୍ୱୀପ ରାସ୍ତା ପ୍ରଶସ୍ତିକରଣ ହେଉଥିବାରୁ ଉକ୍ତ ଲାଇଟକୁ ଠିକାଦାର ନେଇଯାଇ ଥିବା ବେଳେ ବାରମ୍ବାର ବଜାର କମିଟିର ସଦସ୍ୟ ମାନେ ଲାଇଟ ଫେରାଇବା ପାଇଁ ଅନୁରୋଧ କଲେ ମଧ ଠିକାଦାର କୌଣସି ଉତର ନ ଦେବାରୁ ବଜାର କମିଟିର ସଦସ୍ୟ ସଭାପତି କ୍ଷେତ୍ରବାସୀ ସାହୁ, ସଂପାଦକ ସନାତନ ମୁଦୁଲି, କୋଷାଧକ୍ଷ ସୁରେନ୍ଦ୍ର ସ୍ୱାଇଁଙ୍କ ସହ ଅନ୍ୟ ସଦସ୍ୟମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରି ଲାଇଟ୍ ଫେରାଇବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# ବ୍ରହ୍ମବରଦା ଥାନାରେ ନୂତନ ଥାନାଧିକାରିଣୀ ଯୋଗଦାନ : ବିଭିନ୍ନ ମହଲରୁ ଶୁଭେଚ୍ଛା

ଧର୍ମଶାଳା, ୨୫/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନାରେ ନୁତନଭାବେ ଥାନାଧିକାରିଣୀଭାବେ ଅଂଶୁମାଳା ଦାସ ଓ ଏସ୍ ?ଆଇ ସୁଶାନ୍ତ ସେଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏନେଇ ସେମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟିଛି । ପୂର୍ବତନ ଥାନା ଅଧିକାରୀ ଦେବାଶିଷ ଶତପଥୀଙ୍କୁ ଜିଲା ହେଡକ୍ୱାଟର ଓ ଏସ୍ ?ଆଇ ବିଭୂତି ଭୂଷଣ ମହାପାତ୍ର ମଙ୍ଗଳପୁର ଥାନାକୁ ବଦଳି ହେବା ପରେ ଶ୍ରୀମତୀ ଦାସ ଓ ଶ୍ରୀ ସେଠୀ ବ୍ରହ୍ମବରଦା ଥାନାରେ ଯୋଗ ଦେଇଛନ୍ତି । ଥାନାରେ ଯୋଗ ଦେବା ପରେ ଥାନା ପକ୍ଷରୁ ସ୍ୱାଗତ କରାଯାଇଥିବା ବେଳେ ବ୍ରହ୍ମବରଦା ଅଂଚଳର ବିଭିନ୍ନ ମହଲରୁ ସେମାନଙ୍କ ନିକଟକୁ ଶୁଭେଚ୍ଛାର ଶୁଅ ଛୁଟିଛି । ବ୍ରହ୍ମବରଦା ଅଂଚଳରେ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବା ସହିତ ଅଂଚଳରେ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ । ତତ୍ ?୍ ସହିତ ଥାନାରେ ତୃତୀୟ ବ୍ୟକ୍ତିଙ୍କ କୌଣସି ହସ୍ତକ୍ଷେପ ରହବି ନାହିଁ । ଅଭିଯୋଗକାରୀ ସବୁ ସମୟରେ ଭେଟି ଅଭିଯୋଗ କରି ପାରିବେ ବୋଲି ଶ୍ରୀମତୀ ଦାସ କହିଛନ୍ତି । ଅନ୍ୟପକ୍ଷେ ଥାନାଧିକାରିଣୀ ଯୋଗ ଦେବା ପରେ ମଙ୍ଗରାଜପୁର ପଂଚାୟତର ଯୁବ ସଂଗଠକ ପ୍ରଶାନ୍ତ କୁମାର ମୁଦୁଲୀ,ଉତ୍କଳ ସାହୁ,ସଂଜୟ କୁମାର ପାଣିଗ୍ରାହୀ,ଗଗନ ମହାନ୍ତି,ଶୁକଦେବ ପାଣ୍ଡେ,ରାଜେଶ ରାଉତ,ଶତୃଘ୍ନ ବେହେରା,ରମେଶ ମଳିକ,ବାବୁଲି ମଳିକ,ପରମା ଯେନା,ଶିଶିର କୁମାର ରଥସଂଜୟ ଶତପଥୀ,ପିତାମ୍ବର ମଳିକ,ବିଚିତ୍ର ମଳିକମାନସ ମଳିକ,ଛବିନ୍ଦ୍ର ପଣ୍ଡା ଓ ମହେଶ୍ୱର ମଳିକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଛନ୍ତି । ସୂଚନା ଥାଉକି,ଚଳିତ ବର୍ଷ ଜାନୁଆରୀ ମାସରେ ବ୍ରହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ମିଳି ଥିଲା । ଅଦ୍ୟବଧି ୩ ଜଣ ଥାନା ଅଧିକାରୀ ଅନ୍ୟତ୍ର ବଦଳି ହେବା ପରେ କେହି ଥାନା ଅଧିକାରୀ ସ୍ଥାୟୀଭାବେ ନ ରହିବାରୁ ବ୍ରହ୍ମବରଦା ଅଂଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି କିଛି ମାତ୍ରାରେ ବିଗିଡି ଯାଇଥିଲା । ଫଳରେ ଅଭିଯୋଗକାରୀ ନ୍ୟାୟ ନ ପାଇ ଜିଲା ପୋଲିସ ମୁଖ୍ୟାଳୟକୁ ଯିବାକୁ ପଡୁଥିଲା ।

# ପୂର୍ବତନ କାଉନସିଲର ଓ ବିଜେଡି ନେତା ଭାଗବତ ବେହେରାଙ୍କ ପରଲୋକ

କନ୍ଧମାଳ, ୨୫/୦୭ (ନି.ପ୍ର): ଫୁଲବାଣୀ ପୌର ପରିଷଦ ର ୩ ନମ୍ବର ୱାର୍ଡ ନଦିଖଣ୍ଡି ସାହିର ପୂର୍ବତନ କାଉନସିଲର ତଥା ବିଜେଡି ନେତା ଭାଗବତ ବେହେରାଙ୍କ ର ମଙ୍ଗଳବାର ରାତି ପ୍ରାୟ ୧୧ ଟା ସମୟରେ ଦେହାନ୍ତ ଘଟିଛି। ତାଙ୍କୁ ପ୍ରାୟ ୬୦ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ହେଲା ସେ ଅସୁସ୍ଥ ଥିଲେ ଏବଂ ଭୁବନେଶ୍ୱର ରେ ଚିକିତ୍ସିତ ହେଉଥିଲେ। ଗତକାଲି ଆଇସିୟୁରେ ତାଙ୍କର ଦେହାନ୍ତ ଘଟିଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ପତ୍ନୀ, ଦୁଇ ପୁତ୍ର ଏବଂ ପରିବାର ଲୋକେ ଉପସ୍ଥିତ ଥିଲେ। ସେ ଫୁଲବାଣୀ ର ଜଣେ ରାଜନୈତିକ ବ୍ୟକ୍ତି ହୋଇଥିବାବେଳେ ଜଣେ ଭଲ ସମାଜସେବୀ ଥିଲେ। ସେ ଫୁଲବାଣୀ ଡ୍ୟାନ୍ସ ଏକାଡେମୀ ର ସଭାପତି ଭାବେ ଦାୟିତ୍ୱ ତୁଲାଇବା ସହିତ ଅନେକ ସଂସ୍ଥା ଓ ସଂଗଠନ ରେ ରହି କାର୍ଯ୍ୟ କରି ଆସୁଥିଲେ। ସେ ଜଣେ ଦକ୍ଷ ସଂଗଠକ, ସମାଜସେବୀ, ପରୋପକାରୀ ମିଷ୍ଟ ଭାଷୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କ ଅକାଳ ମୃତ୍ୟୁ ରେ ନଦିଖଣ୍ଡି ସାହି ସମେତ ଫୁଲବାଣୀ ସହରରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ମୃତ୍ୟୁ ରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଅଙ୍ଗଦ କହଁର , ଦୁଗୁନି କହଁର , ଦାଶରଥି ବେହେରା, ଅଭିମନ୍ୟୁ ବେହେରା, ପୂର୍ବତନ ସାଂସଦ ରାଧାକାନ୍ତ ଡିଗାଲ, ଡ଼ଃ ଅଚ୍ୟୁତ ସାମନ୍ତ,ବିଜେଡି ନେତା ସରୋଜ କର୍ଣ୍ଣ, ନଗର ବିଜେଡି ସଭାପତି ବିମଳ ପାଢ଼ୀ,ବରିଷ୍ଠ ସାମ୍ବାଦିକତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ,ବରିଷ୍ଠ ସାମ୍ବାଦିକ ସନ୍ତୋଷ ଡିଗାଲ, ବିମଳ ବେହେରା,ପ୍ରଶାନ୍ତ କୁମାର ବେହେରା, ବିଜେଡି ନେତା ରାଧାମୋହନ ମହାପାତ୍ର, ଡାନ୍ସ ଏକାଡେମୀ ସମ୍ପାଦକ ସନ୍ତୋଷ ପାତ୍ର, ବିଜେପି ନେତା ତଥା ଆଇନଜୀବି ଭଗବାନ ମହାନ୍ତି, ରମେଶ ମହାନ୍ତି, ହର ପ୍ରସାଦ ସାମନ୍ତ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି,ରାଜନୈତିକ ନେତା ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗ ପ୍ରତି ସମବେଦନା ଜଣାଇଛନ୍ତି।

# ଭୂତକୋଠିରେ ପରିଣତ ହେଲାଣି ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟ

କୋରେଇ, ୨୫/୦୭ (ନି.ପ୍ର): କୋରାଇ ଶିକ୍ଷା ମଣ୍ଡଳକାରୀଙ୍କ ଅଧିନସ୍ଥ ପଥରପଦା ପଂଚାୟତର ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟଟି ଦୀର୍ଘ ଚାରି ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡ଼ି ରହି ଭୁତକୋଠୀରେ ପରିଣତ ହେଲାଣି। ପୂର୍ବତନ ରାଜ୍ୟ ସରକାର ଯେଉଁ ବିଦ୍ୟାଳୟ ଗୁଡ଼ିକରେ ପିଲାଙ୍କ ଉପସ୍ଥାନ କମ ରହୁଛି ସେ ବିଦ୍ୟାଳୟ ଗୁଡ଼ିକୁ ବନ୍ଦ କରିବା ସହିତ ଉକ୍ତ ପିଲାମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ଆଡ଼ମିଶନ କରାଇବାକୁ ନିଷ୍ପତି ନେଇଥିଲେ । ଉକ୍ତ ନିଷ୍ପତି ଅନୁସାରେ ପଂଚାୟତର ସୀମାରେଖାରେ ଅବସ୍ଥିତ ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟଟି ବଳି ପଡ଼ିଥିଲା। 'ଳରେ ଉକ୍ତ ଗ୍ରାମରେ ଅଧ୍ୟୟନରତ କୁନିକୁନି ପିଲାମାନେ ଗାଡ଼ି ମଟର ଚଳାଚଳ କରୁଥିବା ରାସ୍ତାରେ ପ୍ରତିଦିନ ଦୁଇ କିମି ବାଟ ଯାଇ ନିକଟସ୍ଥ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ୨୦୦୪ ମସିହାରେ ନିର୍ମିତ ଉକ୍ତ ବିଦ୍ୟାଳୟଟି ଉପରେ ଦାମୋଦରପୁର ଗ୍ରାମର ପିଲାମାନେ ପାଠ ପଢିବାକୁ ଆସୁଥିଲେ। 'ଳରେ କିଛି ବର୍ଷ ପୁର୍ବେ ଏହି ବିଦ୍ୟାଳୟ ଅଂଚଳଟି ପିଲାଙ୍କ ଘୋ ଘାରେ ଉଛୁଳି ପଡୁଥିବା ବେଳେ ବର୍ତମାନ ତାହା ଭୁତକୋଠିରେ ପରିଣତ ହୋଇଛି।

# ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ପାସହାରକୁ ଶତ ପ୍ରତିଶତ କରିବା ନିମନ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ସୁବର୍ଣ୍ଣପୁର, ୨୫/୦୭ (ନି.ପ୍ର): ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ ତଥା ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପ୍ରଦାନ ପୂର୍ବକ ଜିଲ୍ଲାର ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶତପ୍ରତିଶତ ସଫଳତା ନିମନ୍ତେ ସମସ୍ତ ବିଦ୍ୟାଳୟ କର୍ତୃପକ୍ଷ ଯତ୍ନବାନ ହେବାକୁ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ଦାସ ଜିଲ୍ଲାର ସମସ୍ତ ୬ଗୋଟି ଓଡିଶା ଆଦର୍ଶ ବିଦ୍ୟାଳୟର ସ୍ଥିତି, ଗତ ପାଇଁ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଛାତ୍ର ଛାତ୍ରୀଙ୍କ ସଫଳତା ହାର, ତଥା ବିଦ୍ୟାଳୟ ରେ ରହିଥବା ବିଭିନ୍ନ ସମସ୍ୟା ଉପରେ ସମ୍ପୃକ୍ତ ବିଦ୍ୟାଳୟର ଅଧକ୍ଷ ଅଧକ୍ଷାଙ୍କୁ ପଚାରି ବୁଝିବା ସହ ଶିକ୍ଷା ଦାନ ଉପରେ ଆବଶ୍ୟକ ତଥ୍ୟ ପଚାରିବୁଝିଥିଲେ। ଜିଲ୍ଲାରେ ଛାତ୍ର ଛାତ୍ରୀ ଯେପରି ଭଲ ରେଙ୍କ ରଖି ବିଦ୍ୟାଳୟର ସଫଳତା ହାର ବୃଦ୍ଧି ହେବ ସେଥିପ୍ରତି ଯଥେଷ୍ଟ ପ୍ରଯତ୍ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ପୁନଶ୍ଚ ବୈଠକରେ ପୋଲିଟେକନିକ ଅନୁଷ୍ଠାନ/ଆଇଟି ଆଇ ସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଆବଶ୍ୟକ ସମୀକ୍ଷା କରିଛନ୍ତି। ବୈଠକରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ବନ ସଂରକ୍ଷଣ ଅଧିକାରୀ, ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲୁ ଡି, ନିର୍ବାହୀ ଅଧିକାରୀ ପୌରପରିଷଦ, ସୋନପୁର, ନିର୍ବାହୀ ଯନ୍ତ୍ରୀ ପି ଏଚ ଡି, ନିର୍ବାହୀ ଯନ୍ତ୍ରୀ ଆର ଡବ୍ଲୁଏସଏସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅଧକ୍ଷ ଶିଳ୍ପ ତାଲିମ କେନ୍ଦ୍ର,ସୋନପୁର ଓ ବୀରମହାରାଜପୁର, ଅଧକ୍ଷ ପୋଲିଟେକନିକ, ସମସ୍ତ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଅଧକ୍ଷା ତଥା ଶିକ୍ଷା ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଏକଲ ଅଭିଯାନ ଗ୍ରାମ ସଂଗଠନ ମହିଳା ବର୍ଗ

## ସ୍ନେହ ସଂପର୍କ ମଧ୍ୟରେ ଲୁଚି ରହିଛି ଅଦ୍ଭୁତ ଶକ୍ତି: ରଥୁ ମହାନ୍ତ

ଉଦଳା , ୨୫/୭ (ନି.ପ୍ର): ଏକଲ ଅଭିଯାନ ବାରିପଦା ଅଂଚଳ ସ୍ତରୀୟ ଗ୍ରାମ ସଂଗଠନ ମହିଳା ବର୍ଗ ଓ ସ୍ନେହ ସଂପର୍କ ପରିବାର ପ୍ରଶିକ୍ଷଣ ଚଳିତ ଜୁଲାଇ ୨୫ ତାରିଖ ଗୁରୁବାର ଦିନ ଉଦଳା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଓଡ଼ିଶା ସମ୍ଭାଗ ସ୍ତରୀୟ କାର୍ଯ୍ୟକର୍ତା ରଥୁ ମହାନ୍ତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସ୍ନେହ ସଂପର୍କ ପରିବାର ଗଠନର ଆବଶ୍ୟକତା ଓ ଏହା ମଧ୍ୟରେ ଲୁଚି ରହିଥିବା ଅଦ୍ଭୁତ ଶକ୍ତି ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମହାତ୍ମାଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହ ଆନ୍ଦୋଳନକୁ ସଫଳ କରିବାରେ ମହିଳା ମାନେ କିପରି ଭୂମିକା ନେଇଥିଲେ ଓ ଏହା ଇଂରେଜ ସରକାରଙ୍କ ଉପରେ କିପରି ଚାପ ପକାଇଥିଲା ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ଭାଗ ସଂସ୍କାର ପ୍ରମୁଖ ହରିହର ତ୍ରିପାଠୀ, ସମ୍ଭାଗ ମହିଳା ସମିତି ପ୍ରତିଭା




ମହାନ୍ତ, ଅଂଚଳ ମହିଳା ସମିତି ସୁକାନ୍ତି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଦେଶ ଗଠନରେ ଏକଲ ଅଭିଯାନର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମଧୁସ୍ମିତା ମହାନ୍ତି ଓ ନିରୁପମା ଜେନା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୀତାପ୍ରଭାସିନି ପାଢ଼ି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ବାରିପଦା ଅଂଚଳର ବିଭିନ୍ନ ସ୍ଥାନରୁ ୫୦ରୁ ଉର୍ଦ୍ଧ୍ୱ ମହିଳା ଏଥିରେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବାରେ ଦୁର୍ଯ୍ୟୋଧନ, ବେଣୁଧର, ସୁବ୍ରତ, କୁନା ରଣା, ରାମଚନ୍ଦ୍ର, ମାନସ ପ୍ରମୁଖ ସହଯୋଗ କରିଥିଲେ ।

## ବିଷାକ୍ତ ସାପ କାମୁଡାରେ ଭାଇ ଭଉଣୀଙ୍କ ମୃତ୍ୟୁ

ବଲାଙ୍ଗିର, ୨୫/୭ (ନି.ପ୍ର): ବିଷାକ୍ତ ସାପ କାମୁଡାରେ ଭାଇଭଉଣୀଙ୍କ ମୃତ୍ୟୁ ଘଟିଛି । ଏପରି ଦୁଃଖଦ ଘଟଣା ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅନ୍ତର୍ଗତ ଜାମପଦର ଗାଁରେ ଘଟିଛି । ମୃତକ ହେଲେ ଭାବଗ୍ରାହୀ ସାଗର ଓ ମନିକା ସାଗର ।

ଗତକାଲି ରାତିରେ ପିଲା ଦୁଇଟି ଖାଇପିଇ ବାପା ମା'ଙ୍କ ପାଖରେ ଶୋଇଥିଲେ । ବିଳମ୍ବିତ ରାତିରେ ପିଲା ଦୁଇଟି ଅସୁସ୍ଥ ହୋଇପଡ଼ିଥିଲେ । ଦୁଇଜଣଙ୍କ ମୁହଁରୁ ଫେଣ ବାହାରିଥିଲା । ପରିବାର ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ସଇଁତଲା ହସ୍ପିଟାଲ୍ ରେ ଭର୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡ଼ିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି ।

## ଶିକ୍ଷା ସପ୍ତାହ ଉପଲକ୍ଷେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୫/୭ (ନି.ପ୍ର): ମାଲକାନଗିରି ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ୍ ର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଡ. ଆଲୋକ କୁମାର ପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଂଚଳିକ ନିର୍ଦ୍ଦେଶକ ଡ. ଗୋପାଳ ହାଲଦର୍ ମୁଖ୍ୟଅତିଥି ଭାବରେ ଯୋଗଦେଇ ବୃକ୍ଷର ମାହାତ୍ମ୍ୟ ସମ୍ପର୍କରେ ବୁଝାଇବା ସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଯୁବ ରେଡକ୍ରସ୍ ଓ ସବୁଜବାହିନୀର ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଧରଣୀ ମାଆର ସୁରକ୍ଷା ପାଇଁ ଗଛର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ, ସେ ସମ୍ବନ୍ଧରେ ବକ୍ତବ୍ୟ ଦେଇଥିଲେ । ମହାବିଦ୍ୟାଳୟ ପରିସରରେ ଆମ୍ବ, ଅଁଳା, ସାହାଡ଼ା ,ପିଜୁଳି ପ୍ରଭୃତି ପ୍ରାୟ ଦେଢ଼ଶହରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଡ.ନାଇଜେଲ୍ ମାଇକେଲ୍ ପିଟର୍ ଓବ୍ରାୟାନ ଓ ଯୁବ ରେଡକ୍ରସ୍ ର ଅଧିକାରୀ ଡ. ଦେବାଶିଷ ପହିଙ୍କ ପ୍ରତିନିଧିତ୍ୱରେ ସଂଚାଳନ କରାଯାଇଥିଲା ।

ଆସନ୍ତା ୨୮ ତାରିଖରେ ସମାପନ କରାଯିବାକୁଥିବା ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନ୍ୟ ପ୍ରାଧାପକ ଡ. ଦୀନବନ୍ଧୁ ସାହୁ, ଡ. ରତ୍ନାକର ପରିଡ଼ା, ଡ. ହିମାଂଶୁ ଶେଖର ସାହୁ, ଡ. ପ୍ରସନ୍ନ କୁମାର ବରାଳ , ପ୍ରିତମ ମାହାଲା, ଗୌତମସେନ ହାଁସଦା ପ୍ରମୁଖ ଉପସ୍ଥିତ ରହିଥିଲେ ଏବଂ ପାଂଚଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରିବେଶ ପରିଷ୍କାର ପରିଚ୍ଛନ୍ନ କରି ବୃକ୍ଷରୋପଣରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ପଂଚାୟତ ନିର୍ବାଚନକୁ ୨ ବର୍ଷ ପୁରିଲାଣି ?

## ମହିଳା ପ୍ରତିନିଧିଙ୍କ ଦକ୍ଷତାକୁ ନେଇ ପ୍ରଶ୍ନବାଚୀ

ଭଦ୍ରକ, ୨୫/୭ (ନି.ପ୍ର): ପଂଚାୟତ ନିର୍ବାଚନକୁ ଇତି ମଧ୍ୟରେ ୨ବର୍ଷରୁ ଅଧିକ ସମୟ ବିତିଯାଇଛି । କିନ୍ତୁ ପଂଚାୟତବାସୀ ସେମାନଙ୍କ ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଥିବା ଜଣାପଡ଼ିଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅର୍ନ୍ତଗତ ଆଗରପଡ଼ା ୧୪ନଂ ଜିଲ୍ଲା ପରିଷଦ ଜୋନ ଠାରେ । ଉକ୍ତ ଜୋନ ବିଟିପୁର, ପୁରୁଷଣ୍ଡ, ବଡ଼ମହିଁଷଗୋଠ, ଗୋପିନାଥପୁର, ମହାନ୍ତିପଡ଼ା, ଆଡ଼ିଆ, ଅଣିଜୋ, ଛରିଗାଁ ଓ ରାମଚନ୍ଦ୍ରପୁର ଏହିପରି ୯ ଗୋଟି ପଂଚାୟତକୁ ନେଇ ଗଠିତ । ଏଥିମଧ୍ୟରୁ ବିଟିପୁର, ଗୋପିନାଥପୁର,ବଡ଼ମହିଁଷଗୋଠ, ଅଣିଜୋ, ଆଡ଼ିଆ ,ଛରିଗାଁ ଏବଂ ରାମଚନ୍ଦ୍ରପୁର ପଂଚାୟତରୁ ମହିଳା ସରପଂଚମାନେ ବିଜୟ ଲାଭ କରିଥିଲେ । ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଆଗରପଡ଼ା । ଏଥି ସହିତ କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସୀମାବର୍ତ୍ତି ସ୍ଥାନରେ ଆଗରପଡ଼ା ଅବସ୍ଥିତ ହୋଇଥିବା ବେଳେ ୪ଗୋଟି ପଂଚାୟତ ଯଥା ବିଟିପୁର, ପୁରୁଷଣ୍ଡ, ବଡ଼ମହିଁଷଗୋଠ ଓ ଗୋପିନାଥପୁର ଉକ୍ତ ଅଂଚଳର ବିକାଶ ଉପରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ବେଳେ ପୁରୁଷଣ୍ଡ ପଂଚାୟତକୁ ଛାଡ଼ି ଅନ୍ୟ ୩ଟି ପଂଚାୟତରେ ମହିଳା(ସରପଂଚ) ପ୍ରତିନିଧିମାନେ ୨ବର୍ଷରୁ ଉର୍ଦ୍ଧ ହେବ କାର୍ଯ୍ୟଭାର ସମ୍ଭାଳି ଥିଲେ ସୁଦ୍ଧା ଉକ୍ତ ଅଂଚଳର ବିକାଶରେ ଦୃଷ୍ଟି ନଦେବା ସେମାନଙ୍କର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆଗରପଡ଼ା କୃଷିକାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ,ପୋଷ୍ଟ ଅଫିସ,ପଶୁ ଡ଼ାକ୍ତରଖାନା,ମୁଖ୍ୟ ଚିକିତ୍ସାଳୟ ଓ ପ୍ରମୁଖ ଶିକ୍ଷାନୁଷ୍ଠାନ ଉକ୍ତ ପଂଚାୟତରେ ଥିବା ବେଳେ ପ୍ରତ୍ୟେକ କାର୍ଯ୍ୟାଳୟରେ ସମସ୍ୟା ଲାଗି ରହିଥିବା ବେଳେ ଆଜି ସୁଦ୍ଧା ପ୍ରତିନିଧିମାନେ ଏଥିପ୍ରତି କୌଣସି କଡ଼ା ଆଭିମୁଖ୍ୟ ଗ୍ରହଣ କରିନାହାନ୍ତି । ସେହିପରି ନିର୍ମାଣାଧିନ ଗୋଷ୍ଠୀ ପରିମଳକେନ୍ଦ୍ର ଅଧପନ୍ତରୀଆ ଅବସ୍ଥାରେ ପଡ଼ିଥିବା ବେଳେ ବଜାରକୁ ଲାଗି ଗୋପିନଥପୁର ପଂଚାୟତ ତରଫରୁ ନିର୍ମିତ ମାର୍କେଟ କଂପ୍ଲେକ୍ସ ଆଜି ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ସେହିପରି ସ୍ଥାୟୀ ବିଶ୍ରାମାଗାର, ବସ୍‌ଷ୍ଟାଣ୍ଡ ଆଦିର ମଧ କୌଣସି ସ୍ଥାୟୀ ସମାଧାନ ହୋଇପାରି ନାହିଁ । ସ୍ୱର୍ଗତଃ ସାଂସଦ ଅର୍ଜୁନ ଚରଣ ସେଠୀଙ୍କ ପୌଷ୍ୟ ଗ୍ରାମ (ପୁରୁଷଣ୍ଡ)ଗ୍ରହଣରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆଲୋକ ସ୍ତମ୍ଭ ଆଗରପଡ଼ା ବଜାରରେ ଅକାମି ହୋଇ ପଡ଼ିଛି । ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଲୋକାର୍ପିତ ଆଲୋକ ସ୍ତମ୍ଭ ମଧ୍ୟ ନଷ୍ଟ ହେବାକୁ ବସିଥିବା ବେଳେ ଉକ୍ତ ପଂଚାୟତରେ ମହିଳା ସମିତି ସଭ୍ୟା ନିର୍ବାଚିତ ହୋଇଥିଲେ ମଧ ସେ ବି ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନାହାନ୍ତି । ସରକାର ମହିଳାମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଗ୍ରାଧିକାର ଦେଉଥିବା ବେଳେ ସେମାନେ ଜନସାଧାରଣଙ୍କ ମୌଳିକ ସୁବିଧା ପ୍ରତି କୌଣସି ଦୃଷ୍ଟି ନଦେବା ସେମାନଙ୍କ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁ ଆଗରପଡ଼ା ଅଂଚଳର ଉନ୍ନତିକୁ ଆଖି ଆଗରେ ରଖି ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେଇ ମହିଳା ପ୍ରତିନିଧିମାନେ ସେମାନଙ୍କର କାର୍ଯ୍ୟଦକ୍ଷତାର ପରିଚୟ ସୃଷ୍ଟି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# କ୍ଷେତମଜଦୁର କମିଟି ତରଫରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ନୀଳଗିରି , ୨୫/୭ (ନି.ପ୍ର): କ୍ଷେତ ମଜଦୁର ନୀଳଗିରି ଆଞ୍ଚଳିକ କମିଟି ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୀଳଗିରି ଉପଜିଲ୍ଲାପାଳ ଶ୍ରୀଯୁକ୍ତ ମନ୍ଦରଧର ମହାଲିକଙ୍କୁ ଦାବୀ ପତ୍ର ଦିଆଯାଇଛି । ନୂତନ ବଜେଟ ହେଉଛି କମ୍ପାନୀ ସପକ୍ଷବାଦୀ । ଉକ୍ତ ବଜେଟରେ ଚାଷୀ, ଶ୍ରମିକ ମାନଙ୍କ ପାଇଁ କୌଣସି ସୁବିଧା ସୁଯୋଗ ନାହିଁ । ଏହାକୁ ସଂଶୋଧନ ପାଇଁ ସରକାରଙ୍କୁ ପୂର୍ବରୁ ପ୍ରସ୍ତାବ ଦିଆଯାଇଛି । ଭୂମିହୀନଙ୍କୁ ପଟ୍ଟା ପ୍ରଦାନ,ବାତିଲ ହୋଇଥିବା ଜବକାର୍ଡ ଧାରୀଙ୍କୁ ପୁନଃ ଜବକାର୍ଡ ଦିଆଯାଉ । ଶ୍ରମିକ, କୃଷକ ମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ପାଇଁ ବ୍ୟବସ୍ଥା କରିବା ପାଇଁ ଆଇନ କରାଯାଉ । ଦୈନିକ ମଜୁରୀ ୬ଶହ ଟଙ୍କା କରାଯାଉ ଆଦି ପ୍ରମୁଖ ଦାବୀ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଉକ୍ତ କାର୍ଯ୍ୟକ୍ରମରେ ସଂଘ ତରଫରୁ ବିଜୟ ପାତ୍ର, ଜ୍ୟୋତିର୍ମୟ ରାଉତ, ସୋମନାଥ ସିଂ, ଭାଗବାନ ମହାନ୍ତି, ଦିବାକର ବାରିକ, ସତ୍ୟଜିତ ଦାସ ସମେତ ବହୁ ସାଥୀ ଉପସ୍ଥିତ ଥିଲେ ।

## ଆଳୁ ହେଲା ମହଙ୍ଗା...

ଯେହେତୁ ରୋଷେଇ ଘର ପାଇଁ ଆଳୁ ନିହାତି ଆବଶ୍ୟକ । ଦର ବଢ଼ିଲେ ବି ଅଧିକ ପଇସା ଦେଇ କିଣିବାକୁ ଖାଉଟି ବାଧ । ଏପଟେ ଖୁଚୁରା ବ୍ୟବସାୟୀଙ୍କ କହିବା କଥା, ହୋଲସେଲ୍ ମାର୍କେଟରେ ପର୍ଯ୍ୟାପ୍ତ ଆଳୁ ନାହିଁ । ତେଣୁ ଉଚ୍ଚାଦରରେ କିଣିବାକୁ ପଡୁଛି । ଆଉ ଯେଉଁ ଆଳୁ ମିଳୁଛି, ଅନେକ ପଚାସଢ଼ାରେ ଯାଉଛି । ତେଣୁ ବାଧହୋଇ ଅଧିକ ଦାମରେ ବିକୁଛୁ । ରାଜ୍ୟର ସର୍ବବୃହତ୍ ଆଳୁ ଗୋଦାମ ଭୁବନେଶ୍ୱର କୁବେରପୁରୀସ୍ଥିତ ଆଳୁ ଗଦିର । ଆଉ ଅନ୍ୟଟି କଟକ ଛତ୍ରବଜାରସ୍ଥିତ ଆଳୁ ମଣ୍ଡିର । ଉଭୟ ଗୋଦାମ ଖାଁ ଖାଁ । ଯେଉଁ ଆଳୁ ଗୋଦାମରେ ପ୍ରତିଦିନ ୫୦ରୁ ୬୦ ଟନ୍ ଅର୍ଥାତ୍ ୧୨ଶହରୁ ୧୫ଶହ ବସ୍ତା ଆଳୁ ରହୁଥିଲା । ସେଠି ଏବେ ୨୦ରୁ ୩୦ କ୍ୱିଣ୍ଟାଲ ଆଳୁ ଅଛି । ପାଇକାରୀ ବ୍ୟବସାୟୀଙ୍କ କହିବା କଥା, ପଶ୍ଚିମବଙ୍ଗ ସରକାର ଆଳୁ ଦରରେ ଅଙ୍କୁଶ ଲଗାଇଥିବାରୁ ସେଠାକାର ବ୍ୟବସାୟୀ ୪ ଦିନ ହେଲା ଧର୍ମଘଟରେ ବସିଛନ୍ତି । ତେଣୁ ରାଜ୍ୟକୁ ଆଳୁ ଯୋଗାଣ ସଂପୂର୍ଣ୍ଣ ବନ୍ଦ ରହିଛି । ଏମିତିକି ଶୀତଳଭଣ୍ଡାରରେ ଥିବା ଆଳୁ ବି ସରି ଆସିଲାଣି । ତେଣୁ ଆଳୁ ଦର ବଢ଼ିବାରେ ଲାଗିଛି । ଏପଟେ ରାଜ୍ୟ ବ୍ୟବସାୟୀ ସଂଘ କହିଛି, ନବୀନ ସରକାର ସମୟରେ ରାଜ୍ୟରେ ଆରମ୍ଭ ହୋଇଥିବା ଆଳୁ ମିଶନ ପୂରା ଫେଲ୍ ମାରିଛି ।

## ଭିଜିଲାନ୍ସ ଜାଲରେ ଯନ୍ତ୍ରୀ...

ରାଉତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ପକ୍ଷରୁ ଭୁବନେଶ୍ୱର ସମେତ ପୁରୀ,ଅନୁଗୋଳ, କଟକ ଓ ବଲାଙ୍ଗିରର ମୋଟ ୯ଟି ସ୍ଥାନରେ ଚଢ଼ାଉ କରାଯାଇଛି । ୨ ଜଣ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସ୍‌ପି, ୬ ଜଣ ଇନ୍‌ସପେକ୍ଟର, ୧୦ ଜଣ ଏଏସ୍‌ଆଇଙ୍କ ସହିତ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି । ଚଢ଼ାଉ ଜାରି ରହିଛି । ଭିଜିଲାନ୍ସ ଜାଲରେ ପଡ଼ିଥିବା ବଲାଙ୍ଗିର ଲୋୟର ସୁକତେଲ୍ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କର ବିପୁଳ ସମ୍ପତ୍ତି ଠାବ କରାଯାଇଛି । ତାଙ୍କର ୨ଟି ବହୁତଳ କୋଠା ସହିତ ୨ଟି ଫ୍ଲାଟ୍ ଏବଂ ୩୪ଟି ପ୍ଲଟ୍ ଠାବ କରିଛି ଭିଜିଲାନ୍ସ । ଏହା ବ୍ୟତୀତ ତାଙ୍କର ୨ଟି ଟ୍ରକ୍, ୨ଟି ଚାରି ଚକିଆ ଯାନ ଓ ୪ଟି ବାଇକ୍ ଅଛି । ତାଙ୍କ ଘରୁ ୧୭୬ ଗ୍ରାମ ସୁନା ଅଳଙ୍କାର ସହିତ ନଗଦ ୨ ଲକ୍ଷ ୩୪ ହଜାର ଟଙ୍କା ମିଳିଛି । ଭୁବନେଶ୍ୱରର ଚନ୍ଦ୍ରଶେଖରପୁରର ନୀଳାଦ୍ରି ବିହାରରେ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କର ଗୋଟିଏ ୩ ମହଲା କୋଠା ଅଛି । ସେହିଭଳି ଭୁବନେଶ୍ୱରର ନୟାପଲ୍ଲୀର ନୀଳକଣ୍ଠ ନଗରରେ ତାଙ୍କର ଏକ ୨ ମହଲା କୋଠା ରହିଛି । ପୁରୀର ଦୋଳମଣ୍ଡପସାହି ସ୍ଥିତ ଶ୍ରୀକ୍ଷେତ୍ର ଭକ୍ତ ନିବାସରେ ତାଙ୍କର ଏକ ୨-ଇଏଚ୍‌କ ଫ୍ଲାଟ ଅଛି । ପୁରୀର ଭିଆଇପି ରୋଡ୍ ସ୍ଥିତ କୃଷ୍ଣଧାମ ଆପାର୍ଟମେଣ୍ଟରେ ତାଙ୍କର ଗୋଟିଏ ୧-ଇଏଚ୍‌କ ଫ୍ଲାଟ୍ ଅଛି । ଭୁବନେଶ୍ୱର, ପୁରୀ, କଟକ ଓ ଢେଙ୍କାନାଳରେ ଯନ୍ତ୍ରୀ ସୁନୀଲ କୁମାର ରାଉତଙ୍କର ୩୪ଟି ପ୍ଲଟ୍ ଅଛି । ଏହି ସମସ୍ତ ଘର ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ଓ ମୂଲ୍ୟାୟନ କାର୍ଯ୍ୟ ଜାରି ରଖିଛି ଭିଜିଲାନ୍ସ ।

## ସାମ୍ବାଦିକା ମଧୁସ୍ମିତା ମୃତ୍ୟୁ ...

ଆଧାରରେ ପୁଲିସ୍ ଶ୍ରୀଧରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ତାଙ୍କ ଭାଇଙ୍କୁ ପଚରାଉଚରା କରୁଛି । ଭୁବନେଶ୍ୱରରେ ଏକ ୱେବ ଚ୍ୟାନେଲରେ କାମ କରୁଥିବା ମଧୁସ୍ମିତା ଭୁବନେଶ୍ୱରର ସାମନ୍ତରାପୁରରେ ରହୁଥିବା ଭଞ୍ଜନଗରର ଜଣେ ଯୁବକଙ୍କୁ ପ୍ରେମ ବିବାହ କରିଥିଲେ । ଉଭୟ ୫ ବର୍ଷର ପ୍ରେମ ସମ୍ପର୍କ ରହିବା ପରେ ଗତ ମାର୍ଚ୍ଚ ୧ ତାରିଖରେ ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ବିବାହ ପରେ ମଧ ଶ୍ରୀଧର ଅନ୍ୟ ଝିଅଙ୍କ ସହ ସଂପର୍କ ରଖିଥିବା ମଧୁସ୍ମିତା ଅଭିଯୋଗ ଆଣିଥିଲେ । ଏଥିସହ ଛାଡ଼ପତ୍ର ଦେଇ ତାଙ୍କ ସ୍ୱାମୀ ଅନ୍ୟ ଜଣଙ୍କୁ ବିବାହ କରିବା ପାଇଁ ଯୋଜନା କରୁଥିବା ମୃତ୍ୟୁ ପୂର୍ବରୁ ଇନଷ୍ଟାରେ ଛାଡ଼ି ଥିବା ଭିଡିଓରେ କହିଥିଲେ । ଏହି ଭିଡିଓଟି ସୋଶାଲ ମିଡିଆରେ ଭାଇରାଲ ହେଉଛି ।ଗତକାଲି ରାତିରେ ମଧୁସ୍ମିତାଙ୍କ ମୃତଦେହ ବାପୁଜୀ ନଗର ରେଳ ଧାରଣା ନିକଟରୁ ମୃତଦେହ ଉଦ୍ଧାର କରାଯାଇଥିଲା । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉଭୟ ପତିପତ୍ନୀଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା । ଏନେଇ ବହୁ ଥର ଉଭୟ ପକ୍ଷ ଧଉଳି ଥାନାକୁ ଯାଉଥିବା ବେଳେ ସେଠାରେ ଆପୋଷ ବୁଝାମଣା ହେଉଥିଲା । ସ୍ତ୍ରୀକୁ ମାଡ଼ ମାରିବେନି, ଅନ୍ୟ ଝିଅ ସହ ସମ୍ପର୍କ ରଖିବେନି ବୋଲି ପୁଲିସ୍ ସମ୍ମୁଖରେ ଲେଖାପଢ଼ା ବି କରିଥିଲେ ଶ୍ରୀଧର । ମାତ୍ର ୨୪ ଘଣ୍ଟା ନ ପୁରୁଣୁ ପୁଣି ଥରେ ଶ୍ରୀଧର ପୁଣି ଥରେ ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖୁଥିବା ମଧୁସ୍ମିତା ଜାଣିବାକୁ ପାଇଥିଲେ । ଏପରିକି ଶ୍ରୀଧର ତାଙ୍କୁ ନିର୍ଯାତନା ଦେବା ସହ ଓ ଛାଡ଼ପତ୍ର ପେପର ଘରେ ରଖିଥିବା ସେ ଦେଖିବାକୁ ପାଇଥିଲେ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିବା ବେଳେ ରାତିରେ ଇନଷ୍ଟାରେ ଶେଷ ଭିଡିଓ ଛାଡ଼ି ମଧୁସ୍ମିତା ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଥିଲେ ।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ...

ପ୍ରତିଯୋଗିତା ହୋଇପାରେ । ଜାତୀୟ ବଜାରକୁ ଶୋଷଣ କରା ଯାଇପାରେ... ଖଣିଜ ବିକାଶ ଉଦ୍ଦେଶ୍ୟରେ ଏହା ସଙ୍ଘୀୟ ବ୍ୟବସ୍ଥାକୁ ମଧ ଉଲ୍ଲଙ୍ଘନ କରିପାରେ ।' ଦୀର୍ଘ ତିନି ଦଶନ୍ଧି ହେଲା ଖଣିଜମି ଉପରୁ ରୟାଲ୍ଟି ଆଦାୟକୁ ନେଇ ବିବାଦ ଲାଗି ରହିଛି । ତାମିଲନାଡୁ ସରକାର ଓ ଭାରତ ସିମେଣ୍ଟ ଏବଂ ପଶ୍ଚିମବଙ୍ଗ ସରକାର ଏବଂ ଅନ୍ୟ ଏକ କମ୍ପାନୀ ମଧ୍ୟରେ ରୟାଲଟି ଆଦାୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହାକୁ ନେଇ ସୁପ୍ରିମକୋର୍ଟରେ ୮୦ରୁ ଅଧିକ ଆବେଦନ ଦାଖଲ କରାଯାଇଛି । ଶେଷରେ ଏହି ମାମଲାକୁ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ହସ୍ତାନ୍ତର କରା ଯାଇଥିଲା । ଆଜି ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ଉପରେ ଶୁଣାଣି କରି ଖଣି ଜମି ଉପରେ ଅତିରିକ୍ତ ଆଦାୟ ଟ୍ୟାକ୍ସ ନୁହେଁ ବୋଲି ହକହିଛନ୍ତି ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

## ୨ ଲକ୍ଷ ୬୫ ହଜାର କୋଟି ...

ଦେଶର ସମସ୍ତ ରାଜ୍ୟର ୨୭ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ପାଇପାରିବେ । ଏହା ବିଶେଷ କରି ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ଆଶ୍ୱସ୍ତି ପ୍ରଦାନ କରିବ । ସରକାର ସମସ୍ତଙ୍କୁ ମାଗଣାରେ ସାର୍ବଜନୀନ ବ୍ୟାପକ ଚକ୍ଷୁ ଯତ୍ନସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ମୋତିଆ ବିନ୍ଦୁ, ଗ୍ଲୁକୋମା ଓ କର୍ଣ୍ଣିଆ ଚିକିତ୍ସା ମିଳିପାରିବ । ଏହି ଯୋଜନାରେ ୪୫ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ଯୋଜନା ଅଧୀନରେ ବଜେଟରେ ୨,୪୬୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।ଏହା ବ୍ୟତୀତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ପାଇଁ ଆମ ହସ୍ପିଟାଲ ଅଧୀନରେ ୧,୩୧୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଚଳିତ ବର୍ଷରେ ଯାଜପୁରରେ ଯଯାତିକେଶରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରାଯିବାର ଯୋଜନା ରହିଛି ।୨୦୨୫-୨୬ ସୁଦ୍ଧା ଫୁଲବାଣୀ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ୨୦୨୬-୨୭ ସୁଦ୍ଧା ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ହସ୍ପିଟାଲକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି ।୭ଟି ନୂତନ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଛି । ଛାତ୍ରଛାତ୍ରୀ, ଶିକ୍ଷକ, ଭିତିଭୂମିର ଗୁଣବତା ଓ ସାମଗ୍ରିକ ଶିକ୍ଷଣ ଅଭିଜ୍ଞତାରେ ଉନ୍ନତି ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ୩୫,୫୩୬ କୋଟି ଟଙ୍କାର ବ୍ୟୟବରାଦ ରଖିଛନ୍ତି । ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୨୪-୨୫ରୁ ପିଏମ୍-ଶ୍ରୀ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଐତିହାସିକ ନିଷ୍ପତି ନେଇଛନ୍ତି । ଗ୍ରାମୀଣ ଓ ଅର୍ଦ୍ଧ ସହରାଂଚଳର ପିଲାମାନଙ୍କୁ ପ୍ରାଥମିକ ସ୍ତରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନାମକ ଏକ ନୂତନ ଯୋଜନାର ପ୍ରସ୍ତାବ ଦେଇଛନ୍ତି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ ରକାଯାଇଛି । ସେହିପରି ପଂଚସଖା ଶିକ୍ଷା ସେତୁ ଅଭିଯାନ ଯୋଜନାରେ ପୁରାତନ ଛାତ୍ରଛାତ୍ରୀଙ୍କ ଯୋଗଦାନରେ ବିଦ୍ୟାଳୟର ବିକାଶ ପାଇଁ ସରକାରୀ ଅଂଶ ବାବଦକୁ ୩୩୨ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ୧୩୯ କୋଟି ଟଙ୍କା ଓ ପିଏମ୍ ପୋଷଣ ପାଇଁ ୯୯୭ କୋଟି ଟଙ୍କା ସାମିଲ ରହିଛି । ସରକାର ଗଂଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ୪୦୯ କୋଟିର ବ୍ୟବସ୍ଥା କରିଛନ୍ତି । ସେହିପରି ମାଧୋ ସିଂହ ହାତ ଖର୍ଚ୍ଚ ନାମକ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତି ନେଇଛନ୍ତି । ଏହି ଯୋଜନାରେ ଅଷ୍ଟମ ବା ଦଶମ ଶ୍ରେଣୀରୁ ଉତୀର୍ଣ୍ଣ ହୋଇଥିବା ଏବଂ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ପ୍ରତ୍ୟେକ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଏହି ଯୋଜନା ଦ୍ୱାରା ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ଆଶା କରାଯାଉଛି । ବଜେଟ ଆକଳନ ୨୦୨୪-୨୫ରେ ଏହି ଯୋଜନା ଅଧୀନରେ ୧୫୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏତଦ୍ ବ୍ୟତୀତ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି,ଅନ୍ୟାନ୍ୟ ପଛୁଆ ବର୍ଗ ଓ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ ଚଳିତ ବର୍ଷ ବଜେଟରେ ୧୧୭୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସେହିଭଳି ଓଡ଼ିଶା ସରକାର ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରଚଳନ କରିଛନ୍ତି । ଏହି ଯୋଜନାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ୬୦:୪୦ ଅନୁପାତରେ ପାଣ୍ଠି ସହାୟତାରେ ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାର ବିକାଶ, ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକର ସ୍ୱୀକୃତି, ସୂଚନା, ଯୋଗାଯୋଗ ଓ ପ୍ରଯୁକ୍ତିବିଦ୍ୟା ଭିତିକ ଡିଜିଟାଲ ଭିତିଭୂମି ସୃଷ୍ଟି କରିବା ସହ ବହୁବିଭାଗୀୟ ପାଠ୍ୟକ୍ରମ ମାଧ୍ୟମରେ ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଆଯିବ । ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ଏକାଡେମିକ, ପ୍ରଶାସନିକ, ପାଠାଗାର, ଛାତ୍ରାବାସ କୋଠା ନିର୍ମାଣ ପାଇଁ ୩୨୫ କୋଟି ଟଙ୍କାର ବ୍ୟୟ ବରାଦ ରଖିଛନ୍ତି । ସରକାର ଗୁଣାତ୍ମକ ଶିକ୍ଷାର ଆଧୁନିକୀକରଣ-ବିଶ୍ୱବିଦ୍ୟାଳୟ ଯୋଜନା ଆରମ୍ଭ କରିଛନ୍ତି । ସେହିପରି ଓଡ଼ିଆ ଉତମ ଛାତ୍ରବୃତି ଯୋଜନା, ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା, ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଛନ୍ତି । ଜେଟରେ ନାରୀ ଶକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି । ମହିଳାମାନଙ୍କ ସଶକ୍ତିକରଣ ଓ ଗାରିମା ରକ୍ଷା ପାଇଁ ଉଭୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଓ ମିଶନ ଶକ୍ତି ବିଭାଗ ନିମନ୍ତେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ଅଟକଳରେ ଥିବା ୬ହଜାର ୨ଶହ ୨୪କୋଟି ଟଙ୍କାକୁ ୩ଗୁଣା ବୃଦ୍ଧି କରାଯାଇ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୭ହଜାର ୯ଶହ ୪୨ କୋଟି ବ୍ୟୟବରାଦ କରାଯାଇଛି । ସୁଭଦ୍ରା ଯୋଜନାରେ ବଜେଟରେ ୧୦ହଜାର କୋଟି ବ୍ୟୟବରାଦର ପ୍ରସ୍ତାବ ରହିଛି । ୨୦୨୭ ସୁଦ୍ଧା ଓଡ଼ିଶାରେ ୨୫ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ବଜେଟରେ ୧ହଜାର ୧ଶହ ୬୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରସୂତୀ ଓ ଶିଶୁମାନଙ୍କର ଯତ୍ନ ପାଇଁନଗଦ ଅର୍ଥ ହସ୍ତାନ୍ତର ନିମନ୍ତେ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନାକୁ ମମତା ଯୋଜନା ସହିତ ସଂଯୋଜନ କରାଯିବ । ଏଥିପାଇଁ ୫ଶହ ୨୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପୁଷ୍ଟିସାଧନର ମାନ ବୃଦ୍ଧି କରିବା ପାଇଁ ପୋଷଣ ଅଭିଯାନ ଅଧୀନରେ ୨ଶହ ୯୫ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି । ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ଅଙ୍ଗନବାଡି କେନ୍ଦ୍ରରେ ନାମ ଲେଖାଇଥିବା ୧୮ଲକ୍ଷ ପ୍ରାକ୍ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କୁ ୟୁନିଫର୍ମ ବଂଟନ କରାଯିବ । ଏଥିପାଇଁ ୯୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା ଅଧୀନରେ ରାଜ୍ୟର ୧୯ଲକ୍ଷ ମହିଳା,କିଶୋରୀ ଓ ଶିଶୁ ହିତାଧିକାରୀଙ୍କ ପୋଷଣ ସ୍ଥିତିରେ ପରିବର୍ତନ ପାଇଁ ୫ଶହ ୫୪ କୋଟି ବ୍ୟୟବରାଦ କରାଯାଇଛି । ଅନାଥ ଶିଶୁମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଆରମ୍ଭ ହେବ ଯଶୋଦା ଯୋଜନା । ଏଥିପାଇଁ ୮୩ କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୧୫ଶହ ଗ୍ରାମ ପଂଚାୟତକୁ ଆଦର୍ଶ ଶିଶୁ ସମୃଦ୍ଧ ଗ୍ରାମ ପୁରସ୍କାର ପ୍ରଦାନ କରାଯିବ । ଚଳିତ ଆର୍ଥିକ ବର୍ଷରେ ପୂରଣ ହେବ ଖାଲିପଡିଥିବା ଅଙ୍ଗନକର୍ମୀଙ୍କ ପଦବୀ । ୫ହଜାର ୬ଶହ ୯୮ଟି ଅଙ୍ଗନବାଡି କେନ୍ଦ୍ରକୁ ସମୃଦ୍ଧ ଅଙ୍ଗନବାଡି କେନ୍ଦ୍ର ଭାବେ ଉନ୍ନୀତ କରାଯିବ । ୩୬ କୋଟି ଟଙ୍କା ବିନିଯୋଗରେ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ । ବଜେଟରେ ସମାଜର ସମସ୍ତ ବର୍ଗ ବିଶେଷ କରି ଗରିବ ଓ ଦୁର୍ବଳ ଲୋକଙ୍କୁ ସାମାଜିକ ନ୍ୟାୟ, ସମାନତା ଓ ଅନ୍ତର୍ଭୁକ୍ତିକରଣ ନୀତି ମାଧ୍ୟମରେ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବଜେଟରେ ଚିହ୍ନଟ ହୋଇଥିବା ଯୋଜନାଗୁଡିକର ଟ୍ରାଇବାଲ ସବ-କଂପୋନେଟ ଏବଂ ଏସସି ସବ କଂପୋନେଟ ଅଧୀନରେ ୬୩ହଜାର ୪ଶହ ୫୭ କୋଟି ଟଙ୍କାର ପ୍ରସ୍ତାବ ରହିଛି । ରାଜ୍ୟରେ ଆରମ୍ଭ ହେବ ଆଦର୍ଶ ଆଦିବାସୀ ଗ୍ରାମ କାର୍ଯ୍ୟକ୍ରମ । ୫ବର୍ଷରେ ୫ଶହ ଗ୍ରାମକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ । ଅନୁସୂଚିତ ଜାତି ସଂପ୍ରଦାୟ ମଧ୍ୟରେ ଦାରିଦ୍ର୍ୟ ହ୍ରାସ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେବ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା । ପିଏମ-ଅଜୟର ଆଦର୍ଶ ଗ୍ରାମ ଅଧୀନରେ ୮ଶହ୯ଟି ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ଘୋଷଣା କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷରେ ପିଏମ ଅଜୟ ଯୋଜନା ପାଇଁ ୨ଶହ ୬୬ କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ଆସନ୍ତା ୩ବର୍ଷ ମଧ୍ୟରେ ଏକ ଲକ୍ଷ ୫୦ହଜାରରୁ ଅଧିକ ଆଦିବାସୀ ପରିବାରର ଅର୍ଥନୈତିକ ପ୍ରଗତି ତଥା ଜୀବନଧାରଣର ମାନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ଶୁଭାରମ୍ଭ ହୋଇଛି । ଏଥିପାଇଁ ୨ଶହ କୋଟି ଟଙ୍କାର ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ପିଭିଜିଟି ସମୁଦାୟଙ୍କ ପାଇଁ ଜୀବିକା ସୁଯୋଗ ତଥା ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସହଜଲବ୍ଧ କରିବା ପାଇଁ ଇପିଇଏଲଆଇପି ପ୍ଲସ କାର୍ଯ୍ୟକ୍ରମ ଅଧୀନରେ ୯୦କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ପ୍ରୋଟେକ୍ସନ ଅଫ୍ ସିଭିଲ ରାଇଟ୍ସ ଆକ୍ଟର ସଫଳ ପ୍ରବର୍ତନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ କେନ୍ଦ୍ର ଓ ରାଜ୍ୟର ସହଭାଗିତାରେ ୧ଶହ ୧୬ କୋଟି ଟଙ୍କା ବ୍ୟୟ ଅଟକଳର ପ୍ରସ୍ତାବ ରହିଛି । ସାମାଜିକ ସୁରକ୍ଷା ପେନସନ ପାଇଁ ବଜେଟରେ ୭ହଜାର ୬ଶହ କୋଟି ବ୍ୟୟବରାଦ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ୮୦ ବର୍ଷରୁ ଅଧିକ ବୟସ୍କ ନାଗରିକ ଓ ୮୦ ପ୍ରତିଶତରୁ କମ୍ ହୋଇନଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଉଭୟ ମଧୁବାବୁ ପେନସନ ଯୋଜନା ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ସାମାଜିକ ସୁରକ୍ଷା ଭତ୍ତାକୁ ୩ହଜାର ୫ଶହ ଟଙ୍କାକୁ ବୃଦ୍ଧି କରାଯାଇଛି । ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ୩ଶହ ୨କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସରକାରୀ ପ୍ରତିଷ୍ଠାନ ଓ ଭିତ୍ତିଭୂମିକୁ ସେମାନଙ୍କ ଯାତାୟତ ଅନୁକୂଳ କରାଇବା ପାଇଁ ୧୦କୋଟି ଟଙ୍କା ବ୍ୟୟବରାଦ ପାଇଁ ପ୍ରସ୍ତାବ ରହିଛି । ନିଶାମୁକ୍ତି କାର୍ଯ୍ୟକ୍ରମ ପାଇଁ ୨୦କୋଟି ଟଙ୍କା ଆବଂଟନ ପାଇଁ ପ୍ରସ୍ତାବ ରହିଛି । ନିଶାଦ୍ରବ୍ୟ ନିରାକରଣ ହାସଲ କରିଥିବା ପ୍ରତି ବ୍ଲକକୁ ଦିଆଯିବ ୧୦ କୋଟି ଟଙ୍କାର ପ୍ରୋତ୍ସାହନ ରାଶି । ଓଡ଼ିଶାରେ ସାଧାରଣ ବଂଟନ ବ୍ୟବସ୍ଥା ରାଜ୍ୟର ୮୦ପ୍ରତିଶତ ଲୋକଙ୍କ ପାଇଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହୋଇପାରିଛି । ରାଜ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୯୨ଲକ୍ଷରୁ ଅଧିକ ପରିବାର ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୩ଲକ୍ଷରୁ ଅଧିକ ପରିବାର ସାମିଲ ହୋଇଛନ୍ତି । ୧୧ହଜାର ୯ଶହ ୩୪ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ପ୍ରାୟ ୨୩ଲକ୍ଷ ମେଟ୍ରିକ ଟନ ଖାଦ୍ୟଶସ୍ୟ ବିନାମୂଲ୍ୟରେ ବଂଟନ କରାଯାଉଛି । ଖାଦ୍ୟ ସଂରକ୍ଷଣ ଗୋଦାମ ଓ ସୁଲଭ ମୂଲ୍ୟ ଦୋକାନ ଗୁଡିକର ଅଟୋମେସନ ସାଧାରଣ ବଂଟନ ବ୍ୟବସ୍ଥାରେ ସ୍ୱଚ୍ଛତା ଅଣାଯିବ । ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ମେଟ୍ରୋ ରେଳ ପ୍ରକଳ୍ପ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଏହା ଚଳାଚଳ କରିବ । ଏଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଅଧିନରେ ୬୨୫୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହା ମଧ୍ୟରୁ ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିଜର ବଜେଟ ଅଭିଭାଷଣରେ କହିଛନ୍ତି । ରାଜ୍ୟ ବଜେଟରେ ଭିତିଭୂମି ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିବା ସହ ମୋଟ ୫୮ ହଜାର ୧୯୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଆଗାମୀ ୫ ବର୍ଷରେ ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ । ରାଜ୍ୟର ଦୁର୍ଗମ ଓ ଅପହଂଚ ଅଂଚଳକୁ ସଡ଼କ ନିର୍ମାଣ କରାଯିବ ଓ ନଦୀ ଓ ଜଳାଶୟ ଉପରେ ସେତୁ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସଡ଼କ ଓ ସେତୁ ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୫୮୬୫ କୋଟିର ବ୍ୟୟବରାଦ କରାଯାଇଛି । ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ବ୍ୟୟବରାଦକୁ ୨୬ ପ୍ରତିଶତ ବୃଦ୍ଧି କରି ୯୪୫୬ କୋଟି ଟଙ୍କା କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୧୯୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୩୩,୯୧୯ କୋଟି ଟଙ୍କାର କୃଷି ବଜେଟ୍ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କୃଷି ଓ ଆନୁସଙ୍ଗିକ କ୍ଷେତ୍ରକୁ ଗୁରୁତ୍ୱ ଦେଇ ବହୁ ମହତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଘୋଷଣା ଅନୁଯାୟୀ ଚାଷୀଙ୍କ ଠାରୁ କୁଇଂଟାଲ ପିଛା ୩୧ଶହ ଟଙ୍କାରେ ଧାନ କିଣାଯିବ । ଧାର୍ଯ୍ୟ ଏମ୍‌ଏସ୍‌ପିଠାରୁ ୮ଶହ ଟଙ୍କା ଅଧିକ ଦିଆଯିବ । ଚାଷୀମାନଙ୍କ ପାଇଁ ନୂଆ ଯୋଜନା ସିଏମ୍ କିଷାନ ଆସିଛି । ସିଏମ୍ କିଷାନ ଯୋଜନା ପାଇଁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୯୩୫ କୋଟି ବ୍ୟୟବରାଦ କରାଯାଇଛି । ବଜେଟରେ ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା ଘୋଷଣା କରାଯାଇଛି । ସମୃଦ୍ଧ କୃଷକ ଯୋଜନା ପାଇଁ ୫ ହଜାର କୋଟି ବ୍ୟୟବରାଦ କରାଯାଇଥିବା ବେଳେ ଶ୍ରୀଅନ୍ନ ଅଭିଯାନ ପାଇଁ ୬୪୯ କୋଟି ଘୋଷଣା କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଉପଖଣ୍ଡ ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ କରାଯିବାକୁ ଯୋଜନାରହିଛି । ଆଗାମୀ ବର୍ଷମାନଙ୍କରେ ବ୍ଲକ ସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

## ୬ ବର୍ଷ ପରେ ଓଏଏସ୍ ...

ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ନିଲମ୍ବନ ପ୍ରସଙ୍ଗରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ବରିଷ୍ଠ ଓଏଏସ୍ ଅଧିକାରୀ ଦେବ ପ୍ରସାଦ ଦାଶ । ସେ କହିଛନ୍ତି, ମୋତେ ହାତରେ ନୁହେଁ ଭାତରେ ମାରିବାକୁ ଚେଷ୍ଟା କରାଯାଇଥିଲା । ମୋ ପ୍ରତି ଆକ୍ରୋଶମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ହୋଇଥିଲା ।ଏହି ନିଲମ୍ବନ ମୋ ଅପେକ୍ଷା ମୋ ପରିବାରକୁ ଅଧିକ ଦଣ୍ଡିତ କରିଥିଲା । ନୂଆ ସରକାର ଆସିବା ପରେ ମୋତେ ନ୍ୟାୟ ମିଳିଲା ।ନୂଆ ସରକାର ଦେଇଥିବା ନୂଆ ଦାୟିତ୍ୱ ସୁଚାରୁ ରୂପେ ସଂପାଦନ କରିବି ।

# ଡବଲ ଇଂଜିନ ସରକାରରେ ଓଡିଶାର ସାମଗ୍ରିକ ବିକାଶକୁ ପ୍ରାଥମିକତା ଦିଆଯାଇଛି : ମନମୋହନ ସାମଲ

ଭୁବନେଶ୍ୱର , ୨୫/୭ (ନି.ପ୍ର): ପ୍ରଥମ ଥର ପାଇଁ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ଆଜି ବିଧାନସଭାରେ ୨୦୨୪-୨୫ ଆର୍ôଥକ ବର୍ଷ ପାଇଁ ରାଜ୍ୟ ବଜେଟ୍ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି। ଏହି ବଜେଟରେ ରାଜ୍ୟର ସାମଗ୍ରିକ ବିକାଶ ଉପରେ ସରକାର ଗୁରୁତ୍ୱ ଦିଆଯାଇଛି । ଚଳିତ ବଜେଟର ପରିମାଣ ୨ଲକ୍ଷ ୬୫ହଜାର କୋଟି ଟଙ୍କାର ହୋଇଛି, ଯାହା ୨୦୨୩-୨୪ ତୁଳନାରେ ୧୫% ଅଧିକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସରେ ଅନୁପ୍ରାଣିତ ହୋଇ ବିଜେପି ସରକାର ୪ବର୍ଗ ଗରିବ,ମହିଳା, କୃଷକ ଓ ଯୁବପିଢ଼ିଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଓଡିଶାର ବିକାଶ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ, ଯାହା ଆଜିର ବଜେଟ୍‌ରେ ସ୍ପଷ୍ଟ ହୋଇଛି। ନୂଆ ସରକାରର ପ୍ରଥମ ବଜେଟ ବିକଶିତ ଓଡିଶାର ମୂଳଦୁଆ ସ୍ଥାପନା କରିଲା ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ନିର୍ବାଚନ ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ ପ୍ରଥମ ବଜେଟରେ ବ୍ୟୟବରାଦ ହୋଇଛି । ଶ୍ରୀମନ୍ଦିର ବିକାଶ ପାଇଁ ୫୦୦କୋଟି ଟଙ୍କା, ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ଧାନ କ୍ୱିଂଟାଲ ପିଛା ୩୧୦୦ ଟଙ୍କା; ବାର୍ଦ୍ଧକ୍ୟ-ବିଧବା-ଦିବ୍ୟାଙ୍ଗ ଭତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିଭଳି ଓଡିଶା ଅସ୍ମିତାର ବିକାଶ ପାଇଁ ୨୦୦ କୋଟି ଟଙ୍କା; ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ପାଇଁ ୨୪୬୨କୋଟି ଟଙ୍କା; ସମୃଦ୍ଧ କୃଷକ ଯୋଜନାରେ ୫୦୦୦ କୋଟି, ମେଟ୍ରୋ ରେଳ ପାଇଁ ୧୦୦୦ କୋଟି, ବିକଶିତ ଗାଁ- ବିକଶିତ ଓଡିଶା ପାଇଁ ୧୦୦୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପାଇଁ ୬୦୯୦ କୋଟି, ଜଳଜୀବନ ମିଶନ ପାଇଁ ୬୦୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି । ସବୁ ବର୍ଗର ଲୋକଙ୍କୁ ଚଳିତ ବଜେଟ ସନ୍ତୁଷ୍ଟି ଦେଇଛି । ଡବଲ ଇଂଜିନ ସରକାରରେ ଓଡିଶାର ସାମଗ୍ରିକ ବିକାଶକୁ ପ୍ରାଥମିକତା ଦିଆଯାଇଛି ବୋଲି ଶ୍ରୀ ସାମଲ କହିଛନ୍ତି।

# ନୀଳଗିରିରେ ବ୍ୟାପୁଛି ଝାଡାବାନ୍ତି: ୧୭ରୁ ଊର୍ଦ୍ଧ୍ୱ ସଂକ୍ରମିତ ମେଡିକାଲରେ ଭର୍ତ୍ତି



ନୀଳଗିରି, ୨୫/୭ (ନି.ପ୍ର): ନୀଳଗିରି ଉପଖଣ୍ଡ ଅଞ୍ଚଳରେ ଏବେ ବଢିବାରେ ଲାଗିଛି ଝାଡାବାନ୍ତି ରୋଗୀଙ୍କ ସଂଖ୍ୟା। ରୋଗୀ ବେଡ୍ ନପାଇ ବାରଣ୍ଡା ଓ ଦୁଇଟି ବେଡ ମଝିରେ ଚିକିତ୍ସା ହେଉଛନ୍ତି। ଝରକାରେ ସାଲାଇନ ବନ୍ଧା ଯାଇ ରୋଗୀଙ୍କୁ କରାଯାଉଛି ଚିକିତ୍ସା । ଉକ୍ତ ସଂକ୍ରାମକ ରୋଗୀଙ୍କ ପାଇଁ ଅନ୍ୟତ୍ର ଏକ ଗୃହ ଥାଇ ମଧ୍ୟ ତାହା ଏଯାବତ ତାଲା ପଡି ରହିଛି। ଯାହା ଏବେ ଗୋରୁ ଗାଈଙ୍କ ଆଡ୍ଡାସ୍ଥଳ ପାଲଟିଛି। ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅନ୍ତର୍ଗତ ବାଉଁଶବଣିଆ, ଗୋବର୍ଦ୍ଧନପୁର ଓ ନୀଳଗିରି ବ୍ଲକ ଗୋପୀନାଥପୁର, ଧୋବଶିଳା ଓ ଗୋପାଳପୁର ଅଂଚଳରୁ ଆଜି ୧୭ ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନୀଳଗିରି ମେଡ଼ିକାଲ ରେ ଭର୍ତ୍ତି ହୋଇଛନ୍ତି। ତେବେ ଜଣକ ପରେ ଜଣେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଚିକିତ୍ସାଳୟର ସଂକ୍ରାମକ ୱାର୍ଡରେ ରୋଗୀଙ୍କୁ ଶଯ୍ୟା ମିଳୁନଥିବାରୁ ରୋଗୀମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି। ଅନ୍ୟତ୍ର ଏକ ସଂକ୍ରାମକ ଗୃହ ଥାଇ ମଧ୍ୟ ରୋଗୀଙ୍କୁ ସ୍ଥାନାନ୍ତରିତ କରାନଯାଇ ସେହିପରି ଭାବରେ ଚଟାଣରେ ରୋଗୀ ମାନଙ୍କୁ ବିପଦପୂର୍ଣ୍ଣ ଅବସ୍ଥାରେ ଛାଡି ଦିଆଯାଇଛି ।ରୋଗୀ ମାନେ ଚିକିତ୍ସା ହେବାକୁ ଆସି ଘଣ୍ଟାଘଣ୍ଟା ସଂକ୍ରାମକ ବିଭାଗ ସମ୍ମୁଖରେ ଛିଡା ହେବାକୁ ପଡୁଛି ।ଡାକ୍ତରଖାନାରେ ପର୍ଯ୍ୟାପ୍ତ ନର୍ସ ନଥିବାରୁ ରୋଗୀଙ୍କୁ ସେବା ଯୋଗାଇ ଦେବାକୁ କେହି ଆସୁନଥିବା ଦେଖାଯାଇଛି ।ଏନେଇ ନୀଳଗିରି ଏସଡିଏମଓ ଦାଇତ୍ୱ ଥିବା ଡାକ୍ତର ଜତିନ ସୋରେନଙ୍କୁ ପଚାରିବାରୁ ସେ ନିରୁତ୍ତୋର ଥିବା ଦେଖାଦେଇଛି।

# ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଦାବି



ଲଙ୍ଗଳେଶ୍ୱର/ବାଲିଆପାଳ, ୨୪/୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡି ପଞ୍ଚାୟତର ୫ ନମ୍ବର ୱାର୍ଡ ରେ ଅବସ୍ଥିତ ପଞ୍ଚାୟତ ଅଫିସ୍ ର ମୁଖ୍ୟ ରାସ୍ତା କଡ଼ରେ ମୁକୁଳା ଓ ବିପଦପୂର୍ଣ୍ଣ ଅବସ୍ଥାରେ ଟ୍ରାନ୍ସଫର୍ମର ରହିଛି। ବୋଳଂ, ସାଉଡି, କୁଣ୍ଡଳୀ ପଞ୍ଚାୟତର ଶତାଧିକ ଲୋକ ସଦର ବ୍ଲକର କଷାଫଳ ସମୁଦ୍ର କୁ ମାଛଧରି ଜୀବିକା ନିର୍ବାହ ପାଇଁ ଏହି ରାସ୍ତା ଉପରେ ପ୍ରତ୍ୟେକ ଦିନ ଶହଶହ ଲୋକମାନେ ଯାତାୟତ କରିଥାଆନ୍ତି। ତେବେ ଏହି ଟ୍ରାନ୍ସଫର୍ମର ଟି ମୁକୁଳା ପଡ଼ିଥିବା ସହିତ ପାଇଖାନା ରେ ବ୍ୟବହୃତ ହେଉଥିବା ନନ୍ଦ କୁ ବ୍ୟବହାର କରି ତାଉପରେ ଟ୍ରାନ୍ସଫର୍ମର ଟି ବସାଯାଇଛି ଏହି ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଯୋଗେନ୍ଦ୍ର ବେହେରା, ରାମକୃଷ୍ଣ ମଲ୍ଲିକ, ରଘୁନାଥ ବେହେରା,ବିଜୟ ମଲ୍ଲିକ, ଲକ୍ଷ୍ମନ ମଲ୍ଲିକ, ମିହିର ପଟ୍ଟାୟତ, ଚିନ୍ତାମଣି ମଲ୍ଲିକ, ନବୀନ ମଲ୍ଲିକ, ଭଗିରଥ ମଲ୍ଲିକ ପ୍ରମୁଖ ଦୃଢ଼ ଦାବି କରିଛନ୍ତି।

# ମିଳିତ ଟିମର ଚଢାଉ: ୩ କ୍ରସର ସିଲ



ଖଇରା, ୨୫/୭ (ନି.ପ୍ର): ଖଇରା ତହସିଲ ଅଧିନ ଶାରିଶୁଆ ପାହାଡ ନିକଟରେ ବହୁ ବେଆଇନ କ୍ରସର ଚାଲିଥିବା ବେଳେ ଗରୁବାର କ୍ରସର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି । ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଭିମଚରଣ ମାରାଣ୍ଡିଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଟିମ ଗଠନ କରାଯାଇ କୁପାରୀ ଅଞ୍ଚଳରେ ଚାଲିଥିବା କ୍ରସର ଗୁଡିକର କାଗଜ ପତ୍ର ଯାଞ୍ଚ କରାଯାଇଛି । ଗୁରୁବାର ଏହି ଚଢାଉରେ ୧୦ଟି କ୍ରସରର ଖାତାପତ୍ର ଯାଞ୍ଚ ସାଙ୍ଗକୁ ଓ ପ୍ରଦୁଷଣ ରୋକିବାକୁ ନିଆଯାଇଥିବା ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା । ବେଆଇନ ଭାବେ ଚାଲିଥିବା ୩ଟି କ୍ରସରକୁ ସିଲ କରାଯାଇଛି । ଉକ୍ତ ଟିମରେ ଜିଲା ଖଣି ଅଧିକାରିଣୀ ସନ୍ତୋଷିପ୍ରଭା ସେଠୀ,ଫରେଷ୍ଟର ନରେଶ ସିଂ,ରେଞ୍ଜର ମନୋରଞ୍ଜନ ନାୟକ,ଖଇରା ତହସିଲଦାର ସବ୍ୟସାଚୀ ଜେନା,ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନୀ ଧଳ,ଖଇରା ଥାନା ଆଇଆଇସି ଗୟାଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ । ସେହିଭଳି ଶୁକ୍ରବାର ଅନ୍ୟ କ୍ରସର ଗୁଡିକ ଯାଞ୍ଚ କରାଯିବ । କାଗଜପତ୍ର ଓ ଅନ୍ୟାନ୍ୟ ଆନୁସଙ୍ଗିକ ତଥ୍ୟ ଉପରେ ସମୀକ୍ଷା କରାଯିବା ପରେ ବାକି କ୍ରସର ଗୁଡିକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଜିଲା ଖଣି ଅଧିକାରଣୀ ସନ୍ତୋଷିନୀ ସେଠୀ କହିଛନ୍ତି।

# ବନ୍ଦର ସହରର ସ୍ୱଚ୍ଛତା ପାଇଁ ଏନ୍‌ଆରଏଲ ପକ୍ଷରୁ ପୌରପାଳିକାକୁ ଟାଟା ଏସିଇ ପ୍ରଦାନ



ପାରାଦୀପ, ୨୫/୭ (ନି.ପ୍ର): ପାରାଦୀପ ପୌରାଞ୍ଚଳ ର ସ୍ୱଚ୍ଛତା ଓ ପରିଚ୍ଛନ୍ନତା ନେଇ ଏନ୍‌ଆରଏଲ ପକ୍ଷରୁ ପାରାଦୀପ ପୌର ପାଳିକାକୁ ତିନିଟି ଟାଟା ଏସିଇ ପ୍ରଦାନ କରାଯାଇଛି ।ଉକ୍ତ କମ୍ପାନୀ ତାର ସିଏସ୍‌ଆର୍ ଫଣ୍ଡ ଜରିଆରେ ପାରାଦୀପ ପୌର ପାଳିକା କୁ ଏହି ତିନିଟି ଟାଟା ଏସିଇ ଗୋଲ୍ଡ ଆବର୍ଜନା ପରିବହନ ଗାଡ଼ି ପ୍ରଦାନ କରିଛନ୍ତି । ବିଜୟଚନ୍ଦ୍ରପୁର ଅଞ୍ଚଳ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପାରାଦୀପ ପୋର୍ଟ ନିଶିଦ୍ଧାଞ୍ଚଳକୁ ଆବର୍ଜନା ପରିବହନ ପାଇଁ ଏହା ସ୍ୱତନ୍ତ୍ର ଭାବେ ସହାୟକ ହୋଇ ପାରିବ ବୋଲି କମ୍ପାନୀ ର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା କହିଛନ୍ତି । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଏସକେ ହୁସେନ (ଜିଏମ୍ ପାଇପ୍ ଲାଇନ୍ ପ୍ରକଳ୍ପ) ଏନ ଆର ଏଲ, ବିକାଶ ଦାସ, (ପ୍ରକଳ୍ପ ପରିଚାଳକ) ପ୍ରମୁଖ ଉପସ୍ଥିତ ଥିଲେ ।କମ୍ପାନୀ ପକ୍ଷରୁ ବନ୍ଦର ଅନ୍ତେବାସୀ ଙ୍କ ପାଇଁ ଏଭଳି ପ୍ରୟାସକୁ ପୌର ପରିଷଦ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

# ଶ୍ରୀରାମଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଫାଇଲେରିଆ ସଚେତନତା



ବେତନଟୀ , ୨୫/୭ (ନି.ପ୍ର): ବେତନଟୀ ଥାନା ଅଧୀନ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଏକ ଫାଇଲେରିଆ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥରେ ମହାବିଦ୍ୟାଳୟର ଅଧକ୍ଷା ଡ. ଅସୀମା ସାହୁ ଅଧକ୍ଷତା ରେ ଅନୁଷ୍ଠିତ କାର୍ଯକ୍ରମ ରେ ଅଧାପକ ତଥା ଯୁବରେଡକ୍ରସର କାଉନସ୍ଲେଲର ଶ୍ରୀଯୁକ୍ତ ଗୋପାଳ କୃଷ୍ଣ ମହାନ୍ତ ଅତିଥପରିଚୟ ତଥା ସ୍ୱାଗତ ଅଭିଭାଷଣ ପ୍ରଦାନକରିଥିଲେ । କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଶ୍ରୀମତୀ ପାର୍ବତୀ ମହାନ୍ତ, ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଜଗନ୍ନାଥ ମୁର୍ମୁ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ ବାସନ୍ତୀ ରଣା ମଞ୍ଚାସୀନ ହୋଇ ଫାଇଲେରିଆ ରୋଗର କାରଣ, ଲକ୍ଷଣ ଓ ପ୍ରତିକାର ସମ୍ୱନ୍ଧରେ ଆଲୋଚନା କରିଥିଲେ । ଔଷଧ ସେବନ ହିଁ ଏକାମାତ୍ର ପନ୍ଥା ଏହି ରୋଗର ନିରାକରଣ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ଅଧାପକ ଶ୍ରୀଯୁକ୍ତ ମୋତିଲାଲ ମହାନ୍ତ, ଶିକ୍ଷା ବିଭାଗର ଅଧାପିକା ଶ୍ରୀମତୀ ସୁଚିତ୍ରା ବେହେରା, ଇତିହାସ ବିଭାଗର ମୁଖ୍ୟ ଅଧାପକ ଶ୍ରୀଯୁକ୍ତ ଅଜୟ କୁମାର ମହାନ୍ତ ଏବଂ ଇଂରାଜୀ ବିଭାଗର ମୁଖ୍ୟ ଅଧାପିକା କବିତା ମଞ୍ଜରୀ ମହାନ୍ତ ଫାଇଲେରିଆ ରୋଗ ସମ୍ୱନ୍ଧରେ ତଥ୍ୟ ପ୍ରଦାନ କରିଥିଲେ । ଶେଷରେ ଅଧାପିକା କବିତା ମଞ୍ଜରୀ ମହାନ୍ତ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୁଜାଲିରେ ହାଣି ଲୁଟିନେଲେ ଟଙ୍କା

ଭୁବନେଶ୍ୱର/କୁଜଙ୍ଗ, ୨୫/୭ (ନି.ପ୍ର): ଭୁଜାଲିରେ ହାଣି ଲୁଟିନେଲେ ଟଙ୍କା । କୁଜଙ୍ଗ ଥାନା ଅଂଚଳରେ ଘଟିଛି ଏଭଳି ଘଟଣା । ଗତକାଲି ରାତିରେ ଅବସରପ୍ରାପ୍ତ ଅଧାପକ ଦ୍ୱୈ ମିଶ୍ରଙ୍କ ଘରୁ ଲୁଟ ହୋଇଛି। ଦୁର୍ବୃତ୍ତମାନେ ଭୁଜାଲିରେ ହାଣି ଟଙ୍କା ଓ ସୁନାଗହଣା ଲୁଟି ନେଇଛନ୍ତି । ପୋଲିସ ଘଟଣାର ତଦନ୍ତ କରୁଛି ।

# କର୍ଣ୍ଣାଟକ ବିଧାନସଭାରେ ନିଟ ବିରୁଦ୍ଧରେ ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ, ୨୫/୭ : ବେଙ୍ଗାଲୁରୁ-ଗୁରୁବାର ଏନଇଇଟିକୁ ଶେଷ କରି ରାଜ୍ୟର ସିଇଟି ମାଧ୍ୟମରେ ମେଡିକାଲ ସ୍କୁଲରେ ଭର୍ତ୍ତି ଦାବି ନେଇ କର୍ଣ୍ଣାଟକ ବିଧାନସଭାରେ ପ୍ରସ୍ତାବ ପାରିତ ହୋଇଛି । କଂଗ୍ରେସ ଶାସିତ ରାଜ୍ୟ ସରକାରରେ ଚିକିତ୍ସା ଶିକ୍ଷା ମନ୍ତ୍ରୀ ଡ.ଶରଣ ପ୍ରକାଶ ପାଟିଲ ରାଜ୍ୟ ବିଧାନସଭାରେ ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବରେ କର୍ଣ୍ଣାଟକ ସରକାର ଦ୍ୱାରା କେନ୍ଦ୍ର ସରକାର ରାଜ୍ୟକୁ ଏନଇଇଟିରୁ ବାଦ ଦେବା ଏବଂ ରାଜ୍ୟ ସରକାର ପକ୍ଷରୁ ଆୟୋଜିତ ସିଇଟି ପଏଂଟ ଆଧାରରେ ମେଡିକାଲ ପ୍ରବେଶ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି ।

# ଜିଲ୍ଲାସ୍ତରୀୟ ୭୮ ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ




ଭଦ୍ରକ, ୨୫/୭ (ନି.ପ୍ର): ଆଗାମୀ ୭୮ ତମ ସ୍ୱାଧୀନତା ଦିବସ-୨୦୨୪ କୁ ଭଦ୍ରକ ଜିଲ୍ଲା ସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଉଚ୍ଚ ପ୍ରଶାସନିକ ଅଧିକାରୀଭାବେ ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଏସ୍.ପି. ବାମଦେବ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ତଥା ଆବାହକ ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ବିଗତ ବର୍ଷର ପାଳନ ବିବରଣୀ ଉପସ୍ଥାପନ ଆଧାରରେ ବୈଠକରେ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ଦିବସ ପାଳନ ଉପଲକ୍ଷେ ପ୍ରତ୍ୟୁଷରୁ ରାମଧୂନ ପରିକ୍ରମା, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ପ୍ରଭାତଫେରୀ, ସକାଳ ୭.୩୦ ଟା ସୁଦ୍ଧା ସରକାରୀ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପତାକା ଉତ୍ତୋଳନ, ଭଦ୍ରକ ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଖେଳ ପଡ଼ିଆରେ ସକାଳ ୯.୧୫ ରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ପ୍ୟାରେଡ଼, ସାଂସ୍କୃତିକ ଓ ପୁରସ୍କାର ବିତରଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାନେଇ ଆଲୋଚନା ମତେ ସ୍ଥିର କରାଯାଇଥିଲା। ପ୍ୟାରେଡ଼ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନକରି, ରୋଗୀମାନଙ୍କ ମଧ୍ୟରେ ଫଳବଣ୍ଟନ କରିବେ। ଜିଲ୍ଲା ସଂସ୍କୃତି ଭବନରେ ଭଦ୍ରକ ଚିତ୍ରୁ ଓ କାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ମଧ୍ୟ ମୁଖ୍ୟ ଅତିଥି ଉଦ୍‌ଘାଟନ କରିବେ। ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିବେ। ଏହି ଦିବସ ଉପଲକ୍ଷେ ଅଗଷ୍ଟ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ସଂସ୍କୃତି ଭବନରେ ବିଭିନ୍ନ ସ୍କୁଲର ପିଲାମାନଙ୍କ ମଧ୍ୟରେ ଓଡ଼ିଆ ଇଂରାଜୀ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ସାଧାରଣ ଜ୍ଞାନ ଆଦିରେ ପ୍ରତିଯୋଗିତା ଆୟୋଜନ କରାଯିବା ପାଇଁ କାର୍ଯ୍ୟସୂଚୀ ସ୍ଥିର କରାଯାଇଛି। ଅଗଷ୍ଟ ୯ ତାରିଖରେ ସାଂସ୍କୃତିକ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଉତ୍ସବ ପାଳନ କମିଟିର ସଦସ୍ୟ ଭାବେ ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜିବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏହି ବୈଠକରେ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମ ନେଇ ମତାମତ ରଖିଥିଲେ।

# ବାଇକ୍ ସ୍କୁଟି ଦୁର୍ଘଟଣାରେ ଜଣେ ଗୁରୁତର: ଦୁଇ ଆହତ

ନୀଳଗିରି, ୨୫/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ଜଡିଦା ପଞ୍ଚାୟତ ପୋଡ଼ାଶୂଳ ଛକ ନିକଟରେ ସଜନାଗଡ ପଟୁ ନୀଳଗିରି ଅଭୀମୁଖେ ଦୃତ ଗତିରେ ଓ. ଡି - ୦ ୧ଏ ବି -୩ ୬୧୩ନଂ ବଜାଜ ପୋଲସର ବାଇକଟି ଆସି ଜଗନ୍ନାଥପୁର ଗ୍ରାମର ସୁଶାନ୍ତ କୁମାର ପୃଷ୍ଟିଙ୍କ ସ୍କୁଟିକୁ ଧକ୍କା ଦେଇଥିଲା ।ଫଳରେ ସ୍କୁଟିରେ ଥିବା ସୁଶାନ୍ତ ଗୁରୁତର ଆହତ ହୋଇଥିବା ବେଳେ ସ୍କୁଟିରେ ବସିଥିବା ସଂପର୍କୀୟ ନାବାଳିକା ମଧ୍ୟ ଆହତ ହୋଇଛନ୍ତି। ତେବେ ବଜାଜ ପୋଲସର ବାଇକ୍ ଚାଳକ ମଧ୍ୟ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି। ନିଶା ପାନ କରି ବାଇକ୍ ଚଲାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡିଛି । ତେବେ ସମସ୍ତଙ୍କୁ ନୀଳଗିରି ମେଡ଼ିକାଲ ରେ ଭର୍ତ୍ତି କରାଯାଇଥିବା ବେଳେ ନୀଳଗିରି ପୋଲିସ୍ ଘଟଣାର ତଦନ୍ତ କରୁଛି।

# ନିର୍ବାଚନୀ ପ୍ରତିଶ୍ରୁତି ପୂରଣ ପାଇଁ ସଦର ବିଧାୟକ ମାନସ ଦତ୍ତଙ୍କ ପ୍ରଥମ ପଦକ୍ଷେପ

## ସାର୍ଥାରେ ନୂତନ ରାଜସ୍ୱ ଗ୍ରାମ ସ୍ଥାପନ ପାଇଁ ବିଧାନସଭାରେ ସରକାରଙ୍କୁ ଦେଲେ ପ୍ରସ୍ତାବ



ବାଲେଶ୍ୱର, ୨୫/୭ (ନି.ପ୍ର): ସାଧାରଣ ନିର୍ବାଚନ ସମୟରେ ଜନସାଧାରଣଙ୍କୁ ଦିଆଯାଇଥିବା ପ୍ରତିଶୃତି ପୂରଣ ପାଇଁ ସରକାରୀସ୍ତରରେ ଉଦ୍ୟମ ଆରମ୍ଭ କରିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ । ସଦର ବ୍ଲକ ଅନ୍ତର୍ଗତ ସାର୍ଥା ପଂଚାୟତର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସାର୍ଥା ରାଜସ୍ୱ ଗ୍ରାମକୁ ଦୁଇ ଭାଗରେ ବିଭକ୍ତ ପାଇଁ ଲୋକେ ଦୀର୍ଘ ଦିନରୁ ଦାବୀ କରିଆସୁଥିଲେ । ସେହି କ୍ରମରେ ସାର୍ଥାରେ ଦୁଇଟି ରାଜସ୍ୱ ଗ୍ରାମ ପ୍ରତିଷ୍ଠା ପାଇଁ ବିଧାୟକ ଶ୍ରୀ ଦତ୍ତ ନିର୍ବାଚନ ବେଳେ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ । ଏ ନେଇ ବିଧାନସଭାର ପ୍ରଶ୍ନକାଳରେ ଶ୍ରୀଦତ୍ତପ୍ରଶ୍ନ ଉପସ୍ଥାପନ କରିଥିଲେ । ନୂତନ ରାଜସ୍ୱ ଗ୍ରାମ ଗଠନ ପାଇଁ ସରକାରଙ୍କ ଯୋଜନା ଥିଲେ ସାର୍ଥାକୁ ଦଇ ଭାଗରେ ବିଭକ୍ତ ସହ ଗୋଟିଏ ସାର୍ଥା ଛକ ଓ ଅନ୍ୟଟି ସାର୍ଥା ଗାଁ ନାମରେ ନାମିତ କରିବାକୁ ଶ୍ରୀ ଦତ୍ତ ପ୍ରସ୍ତାବ ଦେଇଥିଲେ । ଏହା ସହିତ ରାଜ୍ୟରେ କେତୋଟି ନୂତନ ରାଜସ୍ୱ ଗ୍ରାମ ପ୍ରତିଷ୍ଠା ନେଇ ସରକାରଙ୍କ ଯୋଜନା ଥିବା ସମ୍ପର୍କରେ ସେ ପ୍ରଶ୍ନ ଉଠାଥିଲେ । ରାଜ୍ୟର କେଉଁ କେଉଁ ସ୍ଥାନରେ ନୂତନ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅଥବା ନୂତନ ରାଜସ୍ୱ ନୀରିକ୍ଷକ ରେକର୍ଡ ରୁମ ଖୋଲାଯିବ ଏବଂ ଜିଲ୍ଲାସ୍ତରରେ କେତେ ସଂଖ୍ୟକ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ବ୍ୟବହୃତ ହେଉନାହିଁ , ସେ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ନିବେଦନ କରିଥିଲେ । ଶ୍ରୀ ଦତ୍ତଙ୍କ ପ୍ରଶ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ଦେଇ କହିଥିଲେ ଯେ, ରାଜ୍ୟରେ ନୂତନ ଭାବେ ୨୨୮୭ଟି ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରହିଛି । ମାତ୍ର ନୂତନ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅଥବା ନୂତନ ରାଜସ୍ୱ ନୀରିକ୍ଷକ ରେକର୍ଡ ରୁମ ଖୋଲାଯିବା ନେଇ କୌଣସି ପ୍ରସ୍ତାବ ନଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ସେହିପରି ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ସାର୍ଥା ପଂଚାୟତକୁ ବିଭାଜନ ସହ ଦୁଇଟି ରାଜସ୍ୱ ଗ୍ରାମରେ ପରିଣତ କରିବା ନେଇ କୋଣସି ପ୍ରସ୍ତାବ ମିଳିନଥିଲେ ବି ବିଧାୟକ ଶ୍ରୀ ଦତ୍ତଙ୍କ ପ୍ରଶ୍ନ ଅନୁସାରେ ଜିଲ୍ଲାପାଳଙ୍କ ନିକଟରୁ ପ୍ରସ୍ତାବ ଗ୍ରହଣ ପୂର୍ବକ କଟକ ସ୍ଥିତ ଭୂ-ଅଭିଲେଖ ପରିମାପକ ବିଭାଗ ନିର୍ଦ୍ଦେଶକଙ୍କ ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେ ନୂତନ ରାଜସ୍ୱ ଗ୍ରାମ ଘୋଷଣା ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଉତ୍ତର ଦେଇଛନ୍ତି । ବିଧାନସଭା ପ୍ରଶ୍ନକାଳରେ ବିଧାୟକ ଶ୍ରୀ ଦତ୍ତଙ୍କ ପ୍ରଶ୍ନ ମାଧ୍ୟମରେ ସାର୍ଥାରେ ଦୁଇଟି ରାଜସ୍ୱ ଗ୍ରାମ ପ୍ରତିଷ୍ଠା ନେଇ ଉଦ୍ୟମ ଆରମ୍ଭ ହୋଇଥିବାରୁ ପଂଚାୟତ ବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo